# ଆମମାନଙ୍କ ଜୀବନରେ
# ୫ ଅଗଷ୍ଟ

ପ୍ରଭାସ ଘୋଷ

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)
ଏସ୍.ୟୁ.ସି.ଆଇ.(ସି)

# ଆମମାନଙ୍କ ଜୀବନରେ ୫ ଅଗଷ୍ଟ

ପ୍ରଥମ ମୁଦ୍ରଣ: ୨୫ ଜୁଲାଇ୨୦୨୨

**ପ୍ରକାଶକ:** ବିଷ୍ଣୁ ଦାସ

ସଂପାଦକମଣ୍ଡଳୀ ସଦସ୍ୟ

ଏସ୍.ୟୁ.ସି.ଆଇ.(ସି), ଓଡିଶା ରାଜ୍ୟ କମିଟି

୬୧, ଗଙ୍ଗୋତ୍ରୀ ନଗର, ରୋଡ ନଂ -୩

ଶିଶୁପାଳଗଡ, ଭୁବନେଶ୍ୱର-୨

ଫୋନ୍- ୯୪୩୮୧୧୨୯୫୮

୯୪୩୭୩୮୨୦୨୧

**ମୁଦ୍ରଣ:** କ୍ରାନ୍ତିଚେତନା ପ୍ରେସ,

ଭୁବନେଶ୍ୱର, ୭୫୧୦୦୨

ମୂଲ୍ୟ : ୧୫ଟଙ୍କା

# ପ୍ରକାଶକଙ୍କ କଥା

ସର୍ବହରାର ମହାନ୍ ନେତା, ଏ ଯୁଗର ଅନ୍ୟତମ ମାର୍କ୍ସବାଦୀ ଦାର୍ଶନିକ ଓ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ କମ୍ରେଡ୍ ଶିବଦାସ ଘୋଷଙ୍କ ମୃତ୍ୟୁ ଦିବସ ହେଉଛି ୧୯୭୬ ମସିହା, '୫ ଅଗଷ୍ଟ'। ଏହି ଦିନଟି ଆମ ଜୀବନରେ କି ବ୍ୟଥା-ବେଦନା ଓ ଦାୟିତ୍ୱ-କର୍ତ୍ତବ୍ୟବୋଧ ନେଇ ଆସିଥାଏ, ସେ ସମ୍ପର୍କରେ ୧୯୮୧ ମସିହାରେ ଦଳର ବର୍ତ୍ତମାନ ସାଧାରଣ ସମ୍ପାଦକ କମ୍ରେଡ ପ୍ରଭାସ ଘୋଷଙ୍କର ଏକ ବକ୍ତବ୍ୟ ଛାତ୍ର ସଂଗଠନ ଏ.ଆଇ.ଡି.ଏସ୍.ଓ ପଶ୍ଚିମବଙ୍ଗ ରାଜ୍ୟ କମିଟିର ବଙ୍ଗଳା ମୁଖପତ୍ର 'ଛାତ୍ର ସଂହତି' ୧୯୮୧ ମସିହା, ୫ ଅଗଷ୍ଟ ବିଶେଷ ସଂଖ୍ୟାରେ ପ୍ରକାଶିତ ହୋଇଥିଲା। ଭାରତବର୍ଷର ତତ୍କାଳୀନ ରାଜନୈତିକ ପରିସ୍ଥିତିକୁ ବୁଝିବା ଏବଂ ଆମ ଦେଶରେ ବିପ୍ଳବୀ ଆନ୍ଦୋଳନ ଗଢ଼ିତୋଳିବା କ୍ଷେତ୍ରରେ '୫ ଅଗଷ୍ଟ' ଦିନଟି କେଉଁ ତାତ୍ପର୍ଯ୍ୟ ବହନ କରେ ତା' ଅନୁଧାବନ କରିବାରେ ଉକ୍ତ ଆଲୋଚନାଟି କାର୍ଯ୍ୟକାରୀ ଓ ଦିଗ୍‌ନିର୍ଦ୍ଦେଶକ ହେବ ବୋଲି ଆମେ ମନେକରୁ। ସେଥିପାଇଁ କମ୍ରେଡ ଶିବଦାସ ଘୋଷଙ୍କ ଜନ୍ମ ଶତବର୍ଷ (୨୦୨୨,୫ ଅଗଷ୍ଟରୁ ୨୦୨୩, ୫ ଅଗଷ୍ଟ) ଅବସରରେ ବଙ୍ଗଳା ଭାଷାରେ ପ୍ରକାଶିତ ଏହି ମୂଲ୍ୟବାନ ଆଲୋଚନାଟିକୁ ଓଡ଼ିଆ ଭାଷାରେ ଅନୁବାଦ କରି ପ୍ରକାଶ କରୁଛୁ।

ଅନୁବାଦ ତଥା ମୁଦ୍ରଣ ଜନିତ ତ୍ରୁଟି ଓ ସୀମାବଦ୍ଧତା ପାଇଁ ଆମେ ଦାୟୀ।

**ବିଷ୍ଣୁ ଦାସ**
ଏସ୍.ୟୁ.ସି.ଆଇ(ସି)
ଓଡ଼ିଶା ରାଜ୍ୟ କମିଟି

# ଆମମାନଙ୍କ ଜୀବନରେ ୫ ଅଗଷ୍ଟ

ଅନେକ ବର୍ଷ ଅତିକ୍ରାନ୍ତ ହୋଇଯାଇଛି । ସବୁବର୍ଷ ଭଳି ପୁଣି ଆସିଛି ୫ ଅଗଷ୍ଟ, ପୁଣି ଆସିଛି ଆମ ଜୀବନର ଚରମ ଦୁଃଖ ବେଦନାର ଦିନଟି, ଯେଉଁଦିନରେ ଆମେ ହରାଇଛୁ ଆମର ପ୍ରିୟତମ ମହାନ୍ ନେତାଙ୍କୁ, ଇତିହାସର ଅନ୍ୟତମ ଶ୍ରେଷ୍ଠ ସନ୍ତାନ, ମହାନ୍ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷଙ୍କୁ ।

ଜାଣେ, ଜୀବନର ଚଲାପଥରେ ଦୁଃଖ ଅଛି, ବ୍ୟଥା ଅଛି, ଅଛି ମର୍ମାନ୍ତିକ ଶୋକ । ଏହା ମଧ୍ୟ ଜାଣେ, ଏମିତି କିଛି ଦୁଃଖ ବ୍ୟଥା ଥାଏ ଯା' ଆପାତତଃ ଯେତେ ବି ମର୍ମନ୍ତୁଦ ହେଉନା କାହିଁକି, ସମୟର ଗତି ପଥରେ ତା' ଧିରେ ଧିରେ ମିଳେଇ ଯାଏ, ଶିଥିଳ ହୋଇଯାଏ, ପୋଛିହୋଇଯାଏ । ପୁଣି ଏମିତି ବି ବେଦନା ଅଛି, ଦିନ ଯେତେ ଯାଉଥାଏ ତା'ର ତୀବ୍ରତା, ଗଭୀରତା ଓ ବ୍ୟାପକତା କେବଳ ବଢ଼ି ହିଁ ଚାଲିଥାଏ, ବାରମ୍ବାର ଆମ ବିବେକ ନିକଟରେ, ମନୁଷ୍ୟତ୍ୱ ନିକଟରେ ଆବେଦନ ଜଣାଉଥାଏ, କର୍ତ୍ତବ୍ୟବୋଧକୁ, ଚେତନାକୁ, ଜାଗ୍ରତ କରି ରଖେ, ସମୟର ଗତି ପଥରେ ତା'ର ତାତ୍ପର୍ଯ୍ୟ ପ୍ରତିନିୟତ ନୂତନ ଉପଲବ୍ଧି ନେଇଆସୁଥାଏ । ୫ ଅଗଷ୍ଟ ଆମ ଜୀବନରେ ଆଣିଛି ଏହିଭଳି ମର୍ମସ୍ପର୍ଶୀ ବ୍ୟଥା ।

ଇତିହାସରେ ଗୋଟିଏ ଗୋଟିଏ ଦିନ ଥାଏ, ଯାହା ଏମିତି ହିଁ ଆଖିର ଲୁହ ସହ ମିଶି ରହିଥାଏ । ବାରମ୍ବାର ଆସେ, ପ୍ରତିଥର କିଛି ବାର୍ତ୍ତା ଦେଇଯାଏ । ୫ ଅଗଷ୍ଟ ଏହିଭଳି ଭାବରେ ହିଁ ଆସିଛି, ବାରମ୍ବାର ଆସିବ, ଆମର ପରବର୍ତ୍ତୀ ବଂଶଧରମାନଙ୍କ ପାଇଁ ମଧ୍ୟ ଆସିବ, ତା'ପରେ ମଧ୍ୟ ଆସିବ । ଯେତେଦିନ ମାନବ ସମାଜ ଥିବ, ମାନବ ସଭ୍ୟତା ଥିବ, ଶ୍ରେଷ୍ଠ ମନୁଷ୍ୟତ୍ୱ ପ୍ରତି ଶ୍ରଦ୍ଧାବୋଧ ଥିବ, ସେତେଦିନ ହିଁ ମାନବର ମୁକ୍ତି ସଂଗ୍ରାମ, ପ୍ରଗତି ଓ ବିପ୍ଳବର ପ୍ରେରଣାର ଉତ୍ସ ହୋଇ ଆସୁଥିବ ।

ଆମେମାନେ ତାଙ୍କର ଘନିଷ୍ଠ ସାନ୍ନିଧ୍ୟ ପାଇବାର ଅମୂଲ୍ୟ ସୌଭାଗ୍ୟ ଅର୍ଜନ କରିଥିଲୁ, ଯା' ନପାଇଥିଲେ କିଏ ଜାଣେ ଆମେମାନେ ଆଜି ସର୍ବାତ୍ମକ ସଂକଟରେ ଜର୍ଜରିତ ପୁଞ୍ଜିବାଦୀ ସମାଜର ପଙ୍କିଳ ଆବର୍ତ୍ତ ମଧ୍ୟରେ କେବେଠାରୁ ବୁଡି ଯାଇଥାନ୍ତୁ !

ଧୂଳିଧୂସରିତ ଜୀବନର ଅନ୍ଧକାରାଚ୍ଛନ୍ନ କେଉଁ ଗଳିରେ କେଉଁଠାରେ ହଜି ଯାଇଥାନ୍ତୁ! ଆମମାନଙ୍କୁ ମଣିଷ କରିବା ପାଇଁ, ବିପ୍ଳବୀ ସଂଗ୍ରାମରେ ସୁଯୋଗ୍ୟ ସୈନିକଭାବେ ତିଆରି କରିବା ପାଇଁ କି ମରଣପଣ ସଂଗ୍ରାମ କରିଥିଲେ ସେ, ଦିନ ନାହିଁ, ରାତି ନାହିଁ, ସମୟ-ଅସମୟ ନାହିଁ, ଶ୍ରାନ୍ତି-କ୍ଲାନ୍ତି ନାହିଁ, କି ଅସୀମ ଭଲପାଇବା, ମମତା ଓ ପିତୃସ୍ନେହ ଦେଇ ଆମମାନଙ୍କୁ ଗଢ଼ିତୋଳିବା ପାଇଁ ନିରବରେ ନିଃଶବ୍ଦରେ ନିଜର ଶରୀରକୁ ତିଳ ତିଳ କ୍ଷୟକରି ନିଜେ ବରିନେଲେ ଦୂରାରୋଗ୍ୟ କଠିନ ବ୍ୟାଧି– ଏବଂ ଆମକୁ ଦେଲେ ଜୀବନର ସର୍ବ କ୍ଷେତ୍ରକୁ ପରିବ୍ୟାପ୍ତ କରି ଜ୍ଞାନ-ବିଜ୍ଞାନ, ବିପ୍ଳବୀ ଆଦର୍ଶ ଓ ରୁଚି ସଂସ୍କୃତିର ବିଶାଳ ଅମୃତ ଭଣ୍ଡାର। ସେ ଜାଣିଥିଲେ, ଆମମାନଙ୍କୁ ତାଙ୍କର ଏହି ଅକାଳ ମୃତ୍ୟୁ କି ମର୍ମାନ୍ତିକ ଯନ୍ତ୍ରଣା ଦେବ। ସେଥିପାଇଁ ଯିବା ପୂର୍ବରୁ ଏକ ଐତିହାସିକ ଭାଷଣରେ ସେ ଅମୂଲ୍ୟ ଶିକ୍ଷା ଦେଇଯାଇଛନ୍ତି, ଯା' କେବଳ ଆମମାନଙ୍କ ନିକଟରେ ନୁହେଁ, ସବୁଦେଶରେ, ସର୍ବକାଳରେ ବିପ୍ଳବୀମାନଙ୍କର ଚରମ ଶୋକର ମୁହୂର୍ତ୍ତରେ ଅମୂଲ୍ୟ ପାଥେୟ ହିସାବରେ କାର୍ଯ୍ୟ କରିବ । ସେ କହିଥିଲେ, "ନିଛକ ଶୋକ ପ୍ରକାଶର, କେବଳ ହୃଦୟାବେଗର ବିପ୍ଳବୀ ନିକଟରେ କୌଣସି ମୂଲ୍ୟନାହିଁ- ଯଦି ବିପ୍ଳବୀ ନବୁଝେ, ଯେଉଁ ଘଟଣା ପାଇଁ ସେ ବ୍ୟଥା ପାଇଲା, ତାର ଯଥାର୍ଥ ତାତ୍ପର୍ଯ୍ୟ ତାକୁ ଜୀବନରେ କ'ଣ କରିବାକୁ କହେ"। କଣ ତାଙ୍କର ସ୍ୱପ୍ନ ଥିଲା, କେଉଁ ଉଦ୍ଦେଶ୍ୟରେ ସାରାଜୀବନ କଠୋର, କଠିନ ସଂଗ୍ରାମ ଓ ସାଧନା କରି ଅକାଳ ମୃତ୍ୟୁକୁ ଅନିବାର୍ଯ୍ୟଭାବେ ବରଣ କରିଥିଲେ, କ'ଣ ସେ ଆମଠାରୁ ଚାହିଁଥିଲେ– ଏହା ଆମେ ଯେତେ ବୁଝି ପାରିବା, ଧରି ପାରିବା, ହୃଦୟଙ୍ଗମ କରିପାରିବା, ଯେତେ ଆମମାନଙ୍କର ଉନ୍ନତତର ଉପଲବ୍ଧି, ବିପ୍ଳବୀ କର୍ମ ସାଧନାରେ ନିତ୍ୟନୂତନ ଦାୟିତ୍ୱବୋଧ ପ୍ରତିଫଳିତ ହେବ, ସେତେ ଆମେମାନେ ଆମର ଶୋକର ଯଥାର୍ଥ ତାତ୍ପର୍ଯ୍ୟ ଉପଲବ୍ଧି କରିପାରିବା । ଏହା ହିଁ ତ ତାଙ୍କର ଅମୂଲ୍ୟ ଶିକ୍ଷାର ମର୍ମକଥା ।

ଆମମାନଙ୍କର ଏହି ପ୍ରୟାତ ମହାନ୍ ନେତାଙ୍କର ବ୍ୟକ୍ତିଗତ କୌଣସି ଚାହିଁବା, ପାଇବା ନଥିଲା। ତାଙ୍କର କୌଣସି ବ୍ୟକ୍ତିଗତ ଜୀବନ ହିଁ ନଥିଲା। ସେ ଏଯୁଗର ସର୍ବୋଚ୍ଚ କମ୍ୟୁନିଷ୍ଟ ଚରିତ୍ରର ମାନ ନିର୍ଦ୍ଧାରଣ କରି ନିଜକୁ ବିପ୍ଳବ, ବିପ୍ଳବୀ ଆନ୍ଦୋଳନ ଓ ବିପ୍ଳବୀ ଦଳ ସହିତ ସମ୍ପୂର୍ଣ୍ଣ ଏକାତ୍ମ କରି ଅସାଧାରଣ କମ୍ୟୁନିଷ୍ଟ ଚରିତ୍ରର ଉଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ଥାପନ କରିଥିଲେ। ସେ ଚାହିଁଥିଲେ, ପୁଞ୍ଜିବାଦୀ ଶୋଷଣରେ ନିଷ୍ପେସିତ ଏଦେଶର କୋଟି କୋଟି ଜନଗଣଙ୍କର ଶୃଙ୍ଖଳରୁ ମୁକ୍ତି, ଚାହିଁଥିଲେ କୃଷିରେ, ଶିଳ୍ପରେ,

ଜ୍ଞାନ, ବିଜ୍ଞାନରେ, ସାହିତ୍ୟ ସଂସ୍କୃତିରେ ଅପ୍ରତିହତ ବିକାଶର ଦ୍ୱାର ଉନ୍ମୁକ୍ତ ହେଉ । ସେଥିପାଇଁ ଆବଶ୍ୟକ ପୁଞ୍ଜିବାଦ ବିରୋଧୀ ବିପ୍ଳବ ଏବଂ ବିପ୍ଳବ ପାଇଁ ପ୍ରୟୋଜନ ବିପ୍ଳବୀ ଆଦର୍ଶ ଓ ବିପ୍ଳବୀ ଦଳ ଆଉ ଆବଶ୍ୟକ ଦଳେ ବିପ୍ଳବୀ ଯୋଦ୍ଧା– ଯେଉଁମାନେ ପରିସ୍ଥିତି ଅନୁକୂଳ ହେଉ, ପ୍ରତିକୂଳ ହେଉ, ସଫଳତା ଆସୁ, ବିଫଳତା ଆସୁ, ସମସ୍ୟା, ଅସୁବିଧା ବ୍ୟକ୍ତିଗତ ଜୀବନରେ ଯାହାଥାଉ– କୌଣସି ପ୍ରଶ୍ନ ନକରି, କୌଣସି ଆଳ ନଦେଖାଇ ଦୂରଦୂରାନ୍ତର ଗାଁ, ସହର ସର୍ବତ୍ର ବିପ୍ଳବୀ ଆଦର୍ଶ ଓ ସଂସ୍କୃତିକୁ ନେଇଯିବେ । ଯିବେ ବିପ୍ଳବୀ ସଂଗଠନ ଓ ଆନ୍ଦୋଳନ ଗଢ଼ିବା ପାଇଁ, ଯିବେ ଆନନ୍ଦର ସହିତ, ତୃପ୍ତିର ସହିତ, ମହତ୍ତର ଜୀବନର ମର୍ଯ୍ୟାଦାବୋଧ ନେଇ । ସେ ଚାହିଁଥିଲେ, ଆମେମାନେ ଏହି ସଂଗ୍ରାମରେ ଉପଯୁକ୍ତ ହେଉ, ନିରନ୍ତର ସଂଗ୍ରାମ ଚଳାଇ ନିଜର ଚିନ୍ତାଭାବନା, ଆଚାର-ଆଚରଣ ସବୁକିଛିକୁ ବଦଳେଇ ଦେଉ, ବିଦ୍ୟାବୁଦ୍ଧିରେ, ଜ୍ଞାନବିଜ୍ଞାନରେ, ଉନ୍ନତ ଚରିତ୍ରର ମାନରେ ସାଂଗଠନିକ କର୍ମକ୍ଷମତା ଓ ନୈପୁଣ୍ୟରେ କ୍ରମାଗତ ଆହୁରି ଯୋଗ୍ୟତର ହେଉ ।

ଅଖ୍ୟାତ, ଅଜ୍ଞାତ, ଦାରିଦ୍ର୍ୟପ୍ରପୀଡିତ ନିମ୍ନ ମଧ୍ୟବିତ୍ତ ଏକ ଗ୍ରାମୀଣ ପରିବାରର ଜ୍ୟେଷ୍ଠ ପୁତ୍ର ହିସାବରେ ସେ ଥିଲେ ଏକମାତ୍ର ଭରସାର ପାତ୍ର । କିଶୋର ଅବସ୍ଥାରେ ସ୍ୱଦେଶୀ ଆନ୍ଦୋଳନରେ ଯେତେବେଳେ ଲମ୍ଫଦେଇଥିଲେ, ସେତେବେଳେ ଅସହାୟ ବାପା-ମାଆଙ୍କ ତରଫରୁ ପ୍ରଶ୍ନ ଉଠିଥିଲା, ସେମାନଙ୍କୁ ଦେଖିବ କିଏ ? ଏହି ପ୍ରଶ୍ନରେ ତାଙ୍କର ଉତ୍ତର ଥିଲା, 'ଭାରତବର୍ଷର ଗାଁରେ, ସହରରେ କୋଟି କୋଟି ବାପା-ମାଆ କାନ୍ଦୁଛନ୍ତି, ମୁଁ ସମସ୍ତଙ୍କର ହିଁ ସନ୍ତାନ, ସମସ୍ତଙ୍କର ହିଁ ଆଖିର ଲୁହ ପୋଛିବା ମୋର କର୍ତ୍ତବ୍ୟ' । ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଏହି ସମୟରେ ଏଭଳି ଘଟଣା ବି ତାଙ୍କ ଜୀବନରେ ଆସିଥିଲା, ଯାହାର ସଠିକ୍ ତାତ୍ପର୍ଯ୍ୟ ଯେଉଁମାନେ ନବୁଝିବେ, ସେମାନଙ୍କୁ ମନେହେବ ଏହା ଯେମିତି ନିଷ୍ଠୁରତା । ଏବଂ ଯେଉଁମାନେ ଉପଲବ୍ଧି କରିପାରିବେ, ସେମାନେ ବୁଝି ପାରିବେ ସତ୍ୟ ସାଧନା କ୍ଷେତ୍ରରେ ତାଙ୍କର କେତେ ଗଭୀର ପ୍ରତ୍ୟୟ ଥିଲା, ସେ କେତେ ମହାନ୍ ଥିଲେ ।

ତାଙ୍କୁ ନଜଣେଇ ତାଙ୍କର ଅନାହାରକ୍ଲିଷ୍ଟ ବାପା-ମାଆଙ୍କୁ ଜଣେ ବନ୍ଧୁ ଗୋପନରେ ଅର୍ଥ ସାହାଯ୍ୟ କରୁଥିଲେ । ଖବର ପାଇ ସେ ତାଙ୍କ ବନ୍ଧୁଙ୍କୁ ଡାକି କହିଲେ, 'ଆପଣ ଯଦି ପ୍ରଥମେ ଆମର ସମସ୍ତ କର୍ମୀ ଯେଉଁମାନେ ଘରଦ୍ୱାର ଛାଡି ଆସିଛନ୍ତି, ସେମାନଙ୍କର ପିତା-ମାତାଙ୍କର ଦାୟିତ୍ୱ ନେଇପାରିବେ, ଏ ଦେଶର କୋଟି

କୋଟି ଶୋଷିତ ମଣିଷର ପିତାମାତାଙ୍କୁ ଦେଖି ପାରିବେ, ଏକମାତ୍ର ସେତେବେଳେ ହିଁ ମୋର ବାପା-ମାଆଙ୍କୁ ସାହାଯ୍ୟ କରିପାରିବେ'। ଘର ଛାଡିବା ବେଳେ ଏକଥା ପର୍ଯ୍ୟନ୍ତ ସେ ଭାବିନେଇଥିଲେ ଯେ, ଏଭଳି ଦିନ ବି ଜୀବନରେ ଆସିପାରେ, ଯେତେବେଳେ କୌଣସି ମିଟିଂକୁ ଯାଉଛନ୍ତି, ରାସ୍ତା କଡ଼ରେ ଭିକାରୀଟିଏ ଭିକ ମାଗୁଛି, ଦେଖିବେ ତାଙ୍କ ମାଆ ଭିକ ମାଗୁଛନ୍ତି । ସେତେବେଳେ କଣ କରିବେ, ସଂସାରକୁ ଫେରିଯିବେ? ନା, ସେ ଫେରିପାରିବେନି; ଆଜି ବି ଯେଉଁମାନେ ବାଟଘାଟରେ ଭିକ ମାଗୁଛନ୍ତି ସେମାନେ ସମସ୍ତେ ହିଁ ତାଙ୍କର ବାପା-ମାଆ। ସମସ୍ତଙ୍କ ପାଇଁ ତ ସେ ଲଢୁଛନ୍ତି, ସମସ୍ତଙ୍କ ମୁକ୍ତି ପାଇଁ ତ ସେ ଘର ଛାଡିଛନ୍ତି । ବିପ୍ଳବ, ବିପ୍ଳବୀ ଦଳ ଓ ଆଦର୍ଶ ହିଁ ଥିଲା ତାଙ୍କର ଏକମାତ୍ର ସମ୍ପଦ, ଦଳର ଅଗଣିତ କର୍ମୀ, ସମର୍ଥକ ଓ ଶୋଷିତ ଜନଗଣଙ୍କୁ ନେଇ ଥିଲା ତାଙ୍କର ନିଜର ପରିବାର ।

ଭାରତବର୍ଷର ସ୍ୱାଧିନତା ଆନ୍ଦୋଳନର ସମାପ୍ତି ସମୟ ହିଁ ଥିଲା ତାଙ୍କର ରାଜନୈତିକ ଜୀବନର ପ୍ରାରମ୍ଭର ଯୁଗ। ୧୯୪୨ ମସିହାର ଅଗଷ୍ଟ ସଂଗ୍ରାମର ଜଣେ ସୈନିକ ହିସାବରେ ଜେଲ୍‌ରେ ଥିବା ସମୟରେ ସେ ବ୍ୟଥା-ଯନ୍ତ୍ରଣାରେ ଛଟପଟ କରୁଥିଲେ- ସେତେବେଳେ ହିଁ ସେ ବୁଝିପାରିଥିଲେ କି ସର୍ବନାଶ ହେବାକୁଯାଉଛି। ଯେଉଁ ସ୍ୱାଧିନତା ସଂଗ୍ରାମର ଯଜ୍ଞରେ ହଜାର ହଜାର ଛାତ୍ରଛାତ୍ରୀ, ଯୁବକ-ଯୁବତୀ ଘରଦ୍ୱାର ଛାଡିଛନ୍ତି, କ୍ୟାରିୟର ଛାଡି ଅଶେଷ ନିର୍ଯ୍ୟାତନା ସହ୍ୟ କରିଛନ୍ତି, ସର୍ବସ୍ୱ ତ୍ୟାଗ କରିଛନ୍ତି, ଶହ ଶହ ଶହୀଦ ଆତ୍ମଦାନ କରିଛନ୍ତି, ସେହି ସଂଗ୍ରାମ ବ୍ୟର୍ଥ ହେବାକୁ ଯାଉଛି। ହଜାର ହଜାର ସ୍ୱାଧିନତା ସଂଗ୍ରାମୀଙ୍କର ଆତ୍ମବଳିଦାନ ଓ କୁର୍‌ବାନି ବିନିମୟରେ ଆପୋଷମୁଖୀ ରାସ୍ତାରେ ବ୍ରିଟିଶ ସାମ୍ରାଜ୍ୟବାଦ ହାତରୁ ଭାରତୀୟ ପୁଞ୍ଜିପତି ଶ୍ରେଣୀ ହାତକୁ କ୍ଷମତା ହସ୍ତାନ୍ତରିତ ହେବାକୁ ଯାଉଛି। ଆସୁଛି ପୁଞ୍ଜିବାଦୀ ଶାସନ ଓ ଶୋଷଣ । ଅଥଚ ଏହି ନିଦାରୁଣ ଟ୍ରାଜେଡି ଘଟିନଥାନ୍ତା, ଯଦି ସେଦିନ ଏଦେଶରେ ଖୁଦିରାମ-ଭଗତସିଂ-ସୁଭାଷ ବୋଷଙ୍କର ତତ୍କାଳୀନ ବିପ୍ଳବବାଦୀ ଧାରାକୁ ସଠିକ ପଥରେ ଚଳେଇ ନେଇଯିବା ପାଇଁ ଗୋଟିଏ ଶ୍ରମିକଶ୍ରେଣୀର ଦଳ ଥାଆନ୍ତା, ଯଥାର୍ଥ ମାର୍କ୍ସବାଦୀ ଦଳ ଥାଆନ୍ତା। ସେ ଧରିପାରିଥିଲେ, ତତ୍କାଳୀନ ସମୟର ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟି, ବର୍ତ୍ତମାନ ଯାହା ସି.ପି.ଆଇ, ସି.ପି.ଆଇ(ଏମ୍), ସି.ପି.ଆଇ(ଏମ୍.ଏଲ୍) ଆଦି ବହୁ ପାର୍ଟିରେ ବିଭକ୍ତ ହୋଇଯାଇଛି, ସେମାନଙ୍କର ନାଁ ଯା' ହେଉନା କାହିଁକି, ବାସ୍ତବରେ ଏହି ପାର୍ଟିଗୁଡ଼ିକ ମାର୍କ୍ସବାଦ-ଲେନିନବାଦକୁ କଳଙ୍କିତ କରିଛନ୍ତି, ସ୍ୱାଧୀନତା

ସଂଗ୍ରାମକୁ ବିଶ୍ୱାସଘାତକତା କରିଛନ୍ତି। କାରଣ ଜନ୍ମଲଗ୍ନରୁ ହିଁ ଏହି ଦଳଟି ଗୋଟିଏ ସୋସାଲ୍ ଡେମୋକ୍ରାଟିକ ପାର୍ଟି ଥିଲା, ଯା' ସମ୍ପର୍କରେ ମହାନ୍ ଲେନିନ୍‌ଙ୍କର ଚେତାବନୀ ଥିଲା, 'Socialism in words, serving, defending, protecting bourgeoisie in deeds' (ମୁହଁରେ ସମାଜବାଦର କଥା କହିବେ ଆଉ କାମରେ ବୁର୍ଜୁଆମାନଙ୍କର ସେବା କରିବେ, ସେମାନଙ୍କର ସ୍ୱାର୍ଥ ରକ୍ଷା କରିବେ)। ସେତେବେଳେ ହିଁ ସେ ଦୃଢ଼ ଶପଥ ନେଲେ ଯେ, ଯେମିତି ବି ହେଉ, ଯେତେ କଠିନ ମୂଲ୍ୟ ଦେଇ ବି ହେଉ, ଏ ଦେଶରେ ଗୋଟିଏ ଯଥାର୍ଥ ବିପ୍ଳବୀ ଦଳ ଗଢ଼ି ତୋଳିବାକୁ ହେବ। ଏହା କେମିତି ସମ୍ଭବ ? ସେ ଭାବିଥିଲେ, 'ବିପ୍ଳବୀ ଶାସ୍ତ୍ରରେ ଅସମ୍ଭବ ବୋଲି କିଛି ନାହିଁ'। ଶିଶୁ ବୟସରେ ବିଦ୍ୟାସାଗରଙ୍କର କଥା ପଢ଼ିଥିଲେ-'ସମସ୍ତେ ପାରିବେ ଯାହା ତୁମେ ବି ପାରିବ ତାହା'। ଆଉ ସେ ଠିକ୍ କରିଥିଲେ, 'ସମସ୍ତେ ପାରିବେନି ଯାହା, ବିପ୍ଳବ ପାଇଁ ମୁଁ ପାରିବି ତାହା'।

ଯୁଗେ ଯୁଗେ ଯେଉଁମାନେ ହିଁ ଅନ୍ୟାୟ ଅତ୍ୟାଚାର ଶୋଷଣ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଥିଲେ, ଯେଉଁମାନେ ପ୍ରଥମେ ପ୍ରଗତି ଓ ବିପ୍ଳବର ରାସ୍ତା ଦେଖାଇଥିଲେ, ସେମାନଙ୍କୁ ସମସ୍ତଙ୍କୁ ହିଁ ବହୁ ଦୁର୍ଲଂଘନୀୟ ବାଧା-ବିପତ୍ତି, ଝଡ-ଝଞ୍ଝା, ଦୁର୍ଯ୍ୟୋଗ ମଧ୍ୟଦେଇ ଚାଲିବାକୁ ହୋଇଛି। ଆକ୍ରମଣ ଯେ କେବଳ ଶତ୍ରୁପକ୍ଷରୁ ଆସିଛି ତା' ନୁହେଁ, ଯେଉଁମାନଙ୍କ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି, ସେହି ଶୋଷିତ ଜନଗଣ ମଧ୍ୟ ବିଭ୍ରାନ୍ତି ଓ ଅସଚେତନତା ଯୋଗୁ ସେମାନଙ୍କର ମୁକ୍ତି ସଂଗ୍ରାମର ପଥପ୍ରଦର୍ଶକଙ୍କୁ ପ୍ରଥମେ ଚିହ୍ନି ପାରି ନାହାଁନ୍ତି, ବୁଝି ପାରିନାହାଁନ୍ତି, ସାହାଯ୍ୟ ସହାନୁଭୂତି ତ ଦୂରର କଥା ଏପରିକି ପ୍ରରୋଚିତ ହୋଇ ଆଘାତ କରିବାକୁ ଦ୍ୱିଧାବୋଧ କରିନାହାଁନ୍ତି। ଏହା ହିଁ ଇତିହାସର ନିର୍ମମ ସତ୍ୟ। ଶତ୍ରୁର ଆକ୍ରମଣ ପ୍ରତ୍ୟାଶିତ, ସ୍ୱାଭାବିକ, ମାତ୍ର ଯେଉଁମାନଙ୍କର ମୁକ୍ତି ପାଇଁ ଲଢ଼େଇ, ସେମାନଙ୍କ ସହିତ ଯଦି ଏଭଳିଭାବେ ଲଢ଼ିବାକୁ ହୁଏ, ସେମାନଙ୍କ ଠାରୁ ଯଦି ନାନା ପ୍ରକାର ଆଘାତ ପାଇବାକୁ ହୁଏ, ସେହି ବେଦନାର ତୀବ୍ରତା ବି ତ କମ୍ ନୁହେଁ, ପୁଣି ତାକୁ ଜୟ କରିବାର ଶକ୍ତି ମଧ୍ୟ କମ୍ ନୁହେଁ। ଏମାନଙ୍କ ମଧ୍ୟରୁ କାହାରି କାହାରି ସଂଗ୍ରାମ ତୁଳନୀୟ, ପୁଣି କାହାରି କାହାରି ସଂଗ୍ରାମ ଅତୁଳନୀୟ। ଆମ ମହାନ୍ ନେତାଙ୍କର ସଂଗ୍ରାମରେ ବି କିଛି ଅଧ୍ୟାୟ ଅଛି ଯା' ଇତିହାସରେ ନଜିରବିହୀନ। ଏହି ମହାନ୍ ଶିକ୍ଷକଙ୍କର ଆନୁଷ୍ଠାନିକ ଶିକ୍ଷା ସ୍କୁଲର ଗଣ୍ଡି ମଧ୍ୟରେ ହିଁ ସୀମାବଦ୍ଧ ଥିଲା। ସେ ଜାଣିଥିଲେ, ସତ୍ୟାନୁସନ୍ଧାନ, ଜ୍ଞାନ ସାଧନା ବ୍ୟତୀତ

ବିପ୍ଳବୀ ଆନ୍ଦୋଳନ ପାଦେ ବି ଆଗେଇ ପାରିବନି । ତେଣୁ ଆରମ୍ଭ ହୋଇଗଲା ଜୀବନରେ ସର୍ବତ୍ର ନିରନ୍ତର ସତ୍ୟାନୁସନ୍ଧାନର ଏକ ଅସାଧାରଣ ଐତିହାସିକ ସଂଗ୍ରାମ। ସେ ସ୍ୱଦେଶୀ ଆନ୍ଦୋଳନର ତତ୍କାଳୀନ ବିପ୍ଳବବାଦୀ ଧାରା ସହିତ ଯୁକ୍ତ ହୋଇ ଗୋଟିଏ ଦିଗରେ ରେନେସାଁ ଓ ସ୍ୱାଧୀନତା ଆନ୍ଦୋଳନର ସମସ୍ତ ଶ୍ରେଷ୍ଠ ସମ୍ପଦକୁ ଆୟତ୍ତ କରିଥିଲେ, ଗ୍ରହଣକରି ନିଃଶେଷିତ କରିଥିଲେ, ପୁଣି ଅନ୍ୟଦିଗରେ ବୁଝିଥିଲେ ବର୍ତ୍ତମାନ ଯୁଗରେ ଏହାର ସୀମାବଦ୍ଧତା କେଉଁଠି, ବୁଝିଥିଲେ ଏ ଯୁଗରେ ବିପ୍ଳବ, ପ୍ରଗତି ଓ ମୁକ୍ତି ସଂଗ୍ରାମକୁ ସଫଳ ପରିଣତିରେ ପହଞ୍ଚାଇ ଦେବାକୁ ହେଲେ ଦରକାର ମାର୍କ୍ସବାଦ-ଲେନିନବାଦ। ସେଥିପାଇଁ ତାଙ୍କ ମଧ୍ୟରେ ସ୍ୱଦେଶୀ ଆନ୍ଦୋଳନର ବିପ୍ଳବବାଦୀ ଧାରାର ଧାରାବାହିକତା ଯେମିତି ଅଛି, ସେମିତି ହିଁ ଏହି ଧାରାବାହିକତାର ସର୍ବୋଚ୍ଚ ବିକାଶ ପଥରେ ତା' ସହିତ ଛେଦ ଘଟାଇ ସେ ମାର୍କ୍ସବାଦ-ଲେନିନବାଦକୁ ଜୀବନ ଦର୍ଶନ ହିସାବରେ ଗ୍ରହଣ କରିଛନ୍ତି ଏବଂ ଏଦେଶର ମାଟି ସହିତ ଗଭୀରଭାବେ ନିବିଡ଼ ଯୋଗସୂତ୍ର ସ୍ଥାପନ କରିଛନ୍ତି। ଆଉ ଏହା କରିବାକୁ ଯାଇ ସେ ସ୍ୱକୀୟ ସୃଜନଶୀଳ ପ୍ରତିଭା ଦ୍ୱାରା ମାର୍କ୍ସବାଦ-ଲେନିନବାଦକୁ ବିଶେଷୀକୃତ କରିଛନ୍ତି, ଆହୁରି ସମୃଦ୍ଧ ଓ ସମ୍ପ୍ରସାରିତ କରିଛନ୍ତି ଏବଂ ବର୍ତ୍ତମାନ ଯୁଗରେ ଲେନିନ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଆହୁରି ନୂତନ ସ୍ତରକୁ ଉନ୍ନୀତ କରିଛନ୍ତି, ଯାହା ଆଜିକାର ଯୁଗର ମାର୍କ୍ସବାଦ-ଲେନିନବାଦ-କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାଧାରା, ଏ ଯୁଗର ଦେଶେ ଦେଶେ ବିପ୍ଳବୀ ସଂଗ୍ରାମର ପଥନିର୍ଦ୍ଦେଶକାରୀ।

ନାମ-ପରିଚୟହୀନ, ସାଙ୍ଗସାଥୀ-ବିହୀନ ଏହି ମଣିଷଟି ଯେତେବେଳେ ସମ୍ପୂର୍ଣ୍ଣ ଏକାକୀ ଭାରତବର୍ଷର ମାଟିରେ ଯଥାର୍ଥ ବିପ୍ଳବୀ ଦଳ ଗଠନରେ ଆତ୍ମନିୟୋଗ କଲେ, ସେତେବେଳେ କେତେ ବିରୁଦ୍ଧତା, ପ୍ରତିବନ୍ଧକତା, କେତେ କଣ୍ଟକାକୀର୍ଣ୍ଣ ପଥ ସେ ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ଅତିକ୍ରମ କରିଛନ୍ତି। ଯେଉଁମାନଙ୍କୁ ବୁଝାଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ କହିଛନ୍ତି, 'ଆପଣଙ୍କର ବକ୍ତବ୍ୟ ସଠିକ୍ କିନ୍ତୁ ଆପଣଙ୍କୁ କେହି ଜାଣେ ନା, କେହି ଚିହ୍ନେ ନା, ଆପଣଙ୍କର ଲୋକବଳ ନାହିଁ, ଅର୍ଥବଳ ନାହିଁ, କି ନାହିଁ କୌଣସି ସମ୍ବାଦପତ୍ରର ସାହାଯ୍ୟ, ଏପରିକି ମହାନ୍ ଷ୍ଟାଲିନ୍, ମହାନ୍ ମାଓ-ସେ-ତୁଂ ପରିଚାଳିତ ଆନ୍ତର୍ଜାତିକ ନେତୃତ୍ୱ ଯେଉଁମାନଙ୍କୁ ସମର୍ଥନ କରୁଛନ୍ତି, ସେମାନଙ୍କୁ ଆପଣ ନକଲି କମ୍ୟୁନିଷ୍ଟ କହୁଛନ୍ତି। ଆପଣ ଏହି ଅବସ୍ଥାରେ ଏତେ ବଡ ଦେଶରେ ଏଇ ବୟସରେ ଏକା କ'ଣ କରିପାରିବେ ? ଏହା

ଅସମ୍ଭବ ! ଆପଣ ଏହି ରାସ୍ତା ଛାଡ଼ି ଦିଅନ୍ତୁ, ନହେଲେ ନିଜର ଭବିଷ୍ୟତ ନଷ୍ଟ ହେବ'। ସେ କହୁଥିଲେ, 'ମୁଁ ପାରିବି କି ପାରିବି ନାହିଁ, ଏହା ନେଇ ସେମାନଙ୍କ ସହିତ ତର୍କ କରି ନାହିଁ, କେବଳ ଏତିକି ପଚାରିଛି, ଯୁକ୍ତି ଦ୍ୱାରା ଯାହାକୁ ସତ୍ୟ ବୋଲି ବୁଝିଛି, ତାକୁ ପରିତ୍ୟାଗ କରିବାକୁ କ'ଣ ଆପଣମାନେ ମୋତେ କହୁଛନ୍ତି ? ଚାକିରୀ-ବାକିରୀ ଗୋଲାମୀର ଜୀବନ ଗ୍ରହଣ କରିବା ପାଇଁ କହୁଛନ୍ତି, ନା ଯେଉଁ ଦଳଗୁଡିକ ଏ ଦେଶର ସର୍ବନାଶ କରିଛନ୍ତି ବୋଲି ବୁଝିଛି, ନିଜର କ୍ୟାରିୟର ପାଇଁ ସେଠିକି ଯିବାକୁ କହୁଛନ୍ତି ? ଏହା ମୁଁ ପାରିବିନି, ମୋତେ ଗୁଳି କରି ମାରି ଦିଆଯାଇପାରେ କିନ୍ତୁ କିଣା ଯାଇ ପାରିବନାହିଁ । ମୁଁ ଆଉ କିଛି ନପାରେ, ଗଛ ତଳେ ଅଛି, ଗଛ ତଳେ ହିଁ ମରିବି, ହୁଏତ ମରିବା ସମୟରେ କେହି ଜାଣିବେ ବି ନାହିଁ, କିନ୍ତୁ ଯେତେବେଳେ ମିରିବି, ଇଜ୍ଜତର ସହିତ ମଥା ଉଚ୍ଚ କରି ମରିବି । ଭାବିବି ଭାରତବର୍ଷର ବିପ୍ଳବ ପାଇଁ ଏହି ମୃତ୍ୟୁର ହିଁ ପ୍ରୟୋଜନ ଥିଲା । ସତ୍ୟ ଥିଲେ ଇତିହାସ ଦିନେ ତା'ର ମୂଲ୍ୟ ଦେବ'। ଇତିହାସ ସତରେ ହିଁ ତା'ର ମୂଲ୍ୟ ଦେଇଛି । ସେଥିପାଇଁ ତ ଯେଉଁ ଦଳଟିକୁ ଦିନେ ବିରୋଧୀମାନେ କେତେ କ'ଣ ବ୍ୟଙ୍ଗବିଦ୍ରୁପ କରିଛନ୍ତି, ନାନାକଥା କହିଛନ୍ତି, ସେହି ଦଳଟି ହିଁ ଆଜି ଭାରତବର୍ଷର ଅଠରଟି ରାଜ୍ୟରେ ଦ୍ରୁତ ଗତିରେ ବିସ୍ତାରଲାଭ କରିଚାଲିଛି, ଦ୍ରୁତ ଗତିରେ ରାଜ୍ୟେ ରାଜ୍ୟେ, ଶହ ଶହ ଗାଁ ସହରରେ ପାର୍ଟି ନେତୃତ୍ୱରେ କେତେ ବିପ୍ଳବୀ କେନ୍ଦ୍ର ଗଢ଼ି ଉଠିଛି, କେତେ ହଜାର ହଜାର ଶ୍ରମିକ-କୃଷକ, ଛାତ୍ର-ଯୁବକ, ଶିକ୍ଷକ-ଅଧ୍ୟାପକ ପ୍ରାଣର ଉତ୍ତପ୍ତ ଆବେଗ ନେଇ କମ୍ରେଡ ଶିବଦାସ ଘୋଷଙ୍କ ବୈପ୍ଳବିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ବିପ୍ଳବୀ ସଂଗ୍ରାମରେ ଆତ୍ମନିୟୋଗ କରିଛନ୍ତି। ତାଙ୍କର ମହାନ୍ ଶିକ୍ଷାକୁ ଜାଣିବା ପାଇଁ, ବୁଝିବା ପାଇଁ, ଜୀବନର ବ୍ରତଭାବେ ଗ୍ରହଣ କରିବା ପାଇଁ ସଂଗ୍ରାମ କରୁଛନ୍ତି, ଲକ୍ଷ ଲକ୍ଷ ଶୋଷିତ ଜନଗଣ ଏହି ବିପ୍ଳବୀ ଦଳର ନେତୃତ୍ୱରେ ସଂଗଠିତ ହେଉଛନ୍ତି। ରାଜ୍ୟେ ରାଜ୍ୟେ, ଜିଲ୍ଲାରେ ଜିଲ୍ଲାରେ ବିପ୍ଳବୀ ଲାଇନର ଭିତ୍ତିରେ ଗଣଆନ୍ଦୋଳନ ଗଢ଼ି ତୋଳୁଛନ୍ତି । ରେଡିଓ କିମ୍ବା ସମ୍ବାଦପତ୍ରର ପ୍ରଚାର ଜରିଆରେ ନୁହେଁ, ଏମ୍.ଏଲ୍.ଏ, ଏମ୍.ପି ବା ସରକାରୀ ଅନୁକମ୍ପା ଜରିଆରେ ନୁହେଁ, ଆନ୍ତର୍ଜାତିକ ନେତୃତ୍ୱର ସାହାଯ୍ୟ ଜରିଆରେ ମଧ୍ୟ ନୁହେଁ, ସତ୍ୟତାର ଅମୋଘ ଶକ୍ତି ବଳରେ ହିଁ ଦୁର୍ବାର ଗତିରେ ଆଗେଇ ଚାଲିଛି । ସତ୍ୟ ଥିଲେ ମନୁଷ୍ୟତ୍ୱ ତାର ମୂଲ୍ୟ ଦେବା ପାଇଁ ବାଧ୍ୟ । ଏହାକୁ ରୋକିବାର ସାଧ୍ୟ କାହାର ନାହିଁ, ଏହା ଅପ୍ରତିରୋଧ୍ୟ।

ଆଜି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳଟିକୁ କେତେ ଲୋକ ଜାଣନ୍ତି, ମାନନ୍ତି,

ଭଲ ପାଆନ୍ତି। କୁହନ୍ତି, 'ଏହି ଏକମାତ୍ର ଦଳ ହିଁ ନୀତି ଆଦର୍ଶ ନେଇ ଚାଲିଛି। ଏହି ଦଳର କର୍ମୀମାନେ କେତେ ସତ୍, କେତେ ଶୃଙ୍ଖଳିତ, କେତେ ଉନ୍ନତ ଚରିତ୍ରର ଅଧିକାରୀ'। ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କର୍ମୀମାନଙ୍କର ଏହି ପରିଚୟ ହେଉଛି ଗୌରବର, ଏହି ପରିଚୟ ମର୍ଯ୍ୟାଦାର। ଆମେମାନେ ଯେଉଁଠିକି ଯାଉ ସେଠାରେ କେତେ ଆଦର ପାଉ, କେତେ ଯତ୍ନ ଓ ଭଲପାଇବା ପାଉ। ମନେପଡ଼ିଯାଏ, ଦିନେ ଏହି ଦଳର ଭିତ୍ତି ସ୍ଥାପନ କରିବାକୁ ଯାଇ ଆମର ଏହି ପ୍ରୟାତ ମହାନ୍ ନେତାଙ୍କୁ କେତେ ପଥ, କେତେ ଗାଁ, କେତେ ସହର ଘୁରିବାକୁ ହୋଇଛି । ଅନାହାର, ଅର୍ଦ୍ଧାହାରରେ କେତେ ଦିନ, କେତେ ରାତି କାଟିବାକୁ ପଡ଼ିଛି, କେତେ ବର୍ଷା-ଶୀତ-ଗ୍ରୀଷ୍ମରେ ଫୁଟ୍‌ପାଥରେ, ପାର୍କରେ, ଷ୍ଟେସନର ପ୍ଲାଟଫର୍ମରେ ରହିବାକୁ ହୋଇଛି। ବିପ୍ଲବୀ ସଂଗ୍ରାମର ସତ୍ୟ ସାଧନାରେ କେତେ କ'ଣ କଠିନ ମୂଲ୍ୟ ଦେବାକୁ ହୁଏ । ଆମର ମହାନ୍ ନେତାଙ୍କର ଏହାକୁ ନେଇ କୌଣସି ତ୍ୟାଗର ଗର୍ବ ନ ଥିଲା । ବରଂ ସେ ହିଁ ମାନବ ଇତିହାସରେ କମ୍ୟୁନିଜିମ୍‌ର ନୈତିକତାକୁ ଭିତ୍ତିକରି ପ୍ରଥମେ ଶୁଣାଇଲେ, "ବିପ୍ଲବୀର ଅଭାବ ଅନଟନ, ହଜାର ଦୁଃଖ କଷ୍ଟ ନିର୍ଯ୍ୟାତନା, ଯାହା ଦେଖି ସାଧାରଣ ମଣିଷ ସେମାନଙ୍କ ପାଇଁ ଦୁଃଖ କରେ, ସେହି ଆପାତଃ ଦୃଷ୍ଟ ଦୁଃଖମୟ ବିପ୍ଲବୀ ଜୀବନର ନିରନ୍ତର ସଂଗ୍ରାମ ମଧ୍ୟରେ ଲିପ୍ତ ରହି ଜଣେ ବିପ୍ଲବୀ ଯେଉଁ ଶାନ୍ତି ଓ ଆନନ୍ଦ ଖୋଜିପାଏ, ସାଧାରଣ ମଣିଷ କୋଠା, ଗାଡ଼ି ଆରାମ ମଧ୍ୟରେ ତାର କାଣିଚାଏ ବି ଖୋଜି ପାଏନା...। ଆପଣ ଆପଣଙ୍କର ଭଙ୍ଗା, ସନ୍ତସନ୍ତିଆ, ଅପରିଷ୍କାର କୁଡ଼ିଆ ଘରଟି ଛାଡ଼ି ଆସି ରାଜପ୍ରାସାଦରେ ବସବାସ ଆରମ୍ଭ କଲେ। ଆପଣଙ୍କର ଏଇ କୁଡ଼ିଆ ଘରଟି ଛାଡ଼ି ଆସିବାକୁ କ'ଣ ତ୍ୟାଗ ବୋଲି ମନେ କରିବେ ? କେହି କରନ୍ତି ନାହିଁ, ଆପଣ ବି କରିବେ ନାହିଁ। କାରଣ ତ୍ୟାଗ ତ ହେଉଛି କିଛି ନ ଚାହିଁ ଛାଡ଼ିବା, ଅଥବା ସବୁକିଛି ଦେଇ ଦେବା । ଏହା କଣ ସେଇଆ ? ଅସଲରେ ତ ଆପଣ ଯେତେ ଛାଡ଼ିଛନ୍ତି ପାଇଛନ୍ତି ତା'ଠୁ ଅନେକ ବେଶୀ । କମ୍ୟୁନିଷ୍ଟମାନେ ସେମାନଙ୍କର ବିପ୍ଲବୀ ଜୀବନକୁ ଏହି ରାଜପ୍ରାସାଦର ଜୀବନଠାରୁ ବୃହତ୍ତର ସମ୍ପଦ ବୋଲି ମନେକରନ୍ତି। ଯେଉଁ ଜୀବନଟାକୁ ସେ ଛାଡ଼ି ଆସିଛି, ଜଣେ ବିପ୍ଲବୀ ନିକଟରେ ତାହା ହିଁ କୁଡ଼ିଆ ଘରର ଜୀବନ ଭଳି କେବଳ ଦୁଃଖମୟ ଓ ପଙ୍କିଳ ନୁହେଁ- କ୍ଷୁଦ୍ର, ନୀଚ ଓ ଅବମାନନାକର । ସେଥିପାଇଁ ଏହି ଦୃଷ୍ଟିରୁ ବିଚାର କଲେ ଜଣେ ଯଥାର୍ଥ ବିପ୍ଲବୀ କିଛି ହିଁ ତ୍ୟାଗ କରେ ନାହିଁ। ବରଂ ଯାହା ସେ ଛାଡ଼ି ଆସିଛି, ଅର୍ଥାତ୍ କୋଠା-ଗାଡ଼ି, ଟଙ୍କା-

ପଇସା, ସମ୍ପତ୍ତି, ଆରାମ-ଅୟସ ତା' ତୁଳନାରେ ସେ ହଜାର ଲକ୍ଷ ଗୁଣ ବଡ଼ ଜିନିଷ ପାଇଛି- ସେ ତା'ର ଆତ୍ମମର୍ଯ୍ୟାଦାବୋଧ ଫେରି ପାଇଛି ।... ବିପ୍ଲବ ଠାରୁ ବଡ଼ ସମ୍ପଦ, ବିପ୍ଲବୀ ଜୀବନଠାରୁ ବଡ଼ ଜୀବନ ତା'ର ଆଉ କିଛି ନାହିଁ ।"

କମ୍ରେଡ ଘୋଷ ଦିନେ ଛାତ୍ର ଯୁବକମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, "Rember, we are mortal beings. So if to die, don't die begging, don't die humiliating yourself. When to die, die with honour and you have got only one surest way to live and die with honour that is taking active part in revolutionary struggle of the masses in bringing about a revolutionary transformation of the society and for that purpose you will have to organise in thousands and close up your ranks. ... Yes, in this way of fighting things, it may be painful- sometime even tortuous, but no doubt it is the honourable way to lead a life. Here in this struggle you may die, but you will die with honour, raising your head high. You shall not die with humiliation, just as cats and dogs die, rotting in the streets" (ମନେରଖିବେ, ମଣିଷ ମାତ୍ରେ ହିଁ ମରଣଶୀଳ । ତେଣୁ ମରିବାକୁ ଯେତେବେଳେ ହେବ, ସେତେବେଳେ ନିଜକୁ କରୁଣାର ପାତ୍ର କରି, ଅବମାନିତ କରି, ଭିକ୍ଷୁକ ଭଳି ମରିବେ ନାହିଁ । ମୃତ୍ୟୁ ଯେତେବେଳେ ଅବଧାରିତ, ସେତେବେଳେ ମର୍ଯ୍ୟାଦାର ସହିତ ମୃତ୍ୟୁକୁ ବରଣ କରନ୍ତୁ । ମର୍ଯ୍ୟାଦାର ସହିତ ମଥା ଉଚ୍ଚ କରି ବଞ୍ଚିବା ଓ ମରିବାର ଗୋଟିଏ ମାତ୍ର ନିଶ୍ଚିତ ପଥ ରହିଛି, ତା' ହେଲା, ସମାଜର ବୈପ୍ଲବିକ ପରିବର୍ତ୍ତନ ଉଦ୍ଦେଶ୍ୟରେ ଜନସାଧାରଣଙ୍କର ବିପ୍ଲବୀ ସଂଗ୍ରାମରେ ନିଜକୁ ସକ୍ରିୟଭାବେ ନିୟୋଜିତ କରିବା । ସେଥିନିମିତ୍ତ ଆପଣମାନଙ୍କୁ ହଜାର ହଜାର ସଂଖ୍ୟାରେ ସଂଗଠିତ ଓ ଐକ୍ୟବଦ୍ଧ ହେବାକୁ ପଡ଼ିବ ।... ହଁ, ସଂଗ୍ରାମର ଏହି ପଥ ଅତ୍ୟନ୍ତ ବେଦନାଦାୟକ ହୋଇପାରେ, କେବେ କେବେ ତା' ଅତ୍ୟନ୍ତ କଷ୍ଟସାଧ୍ୟ ମଧ୍ୟ ହୋଇପାରେ, ତଥାପି ନିଃସନ୍ଦେହରେ ଏହା ମର୍ଯ୍ୟାଦାପୂର୍ଣ୍ଣ ଜୀବନର ଏକମାତ୍ର ପଥ । ଏହି ସଂଗ୍ରାମରେ ଆପଣମାନେ ହୁଏତ ମୃତ୍ୟୁବରଣ କରିପାରନ୍ତି, କିନ୍ତୁ ଆପଣମାନେ ମର୍ଯ୍ୟାଦାର ସହିତ ମଥା ଉଚ୍ଚ କରି ମୃତ୍ୟୁକୁ ବରଣ କରିବେ । ଅବମାନନା ଓ ଗ୍ଲାନି ନେଇ କୁକୁର ବିଲେଇ ଭଳି ରାସ୍ତାରେ ପଡ଼ି ମରିବେ ନାହିଁ) । ଏଥିକାଲ ଲାଇଫ ଅର୍ଥାତ୍ ରୁଚିସମ୍ମତ ଜୀବନଯାପନ କରିବା ପାଇଁ ହିଁ ଯେ ମାର୍କ୍ସ-ଏଙ୍ଗେଲ୍ସ-ଲେନିନ-

ଷ୍ଟାଲିନ-ମାଓ-ସେ-ତୁଂ ଏବଂ କମ୍ରେଡ୍ ଶିବଦାସ ଘୋଷ ଏହି ବିପ୍ଳବୀ ଜୀବନକୁ ଗ୍ରହଣ କରିଛନ୍ତି ତା' ବୁଝାପଡ଼େ ତାଙ୍କର ନିମ୍ନଲିଖିତ ଉକ୍ତିରୁ, ସେ କହୁଥିଲେ, "Thoroughly (ଗଭୀରଭାବେ) ମାର୍କ୍ସବାଦ ପଢ଼ନ୍ତୁ, ଜାଣନ୍ତୁ । ଏହା ମଧ୍ୟରେ ଥିବା ethics, values, philosophy (ନୀତି-ସଂସ୍କୃତି, ମୂଲ୍ୟବୋଧ ଓ ଦର୍ଶନ)ର ସନ୍ଧାନ କରନ୍ତୁ।... ମାର୍କ୍ସବାଦକୁ ଏହିଭଳି ନବୁଝିଲେ ମନେହେବ- ଯେମିତି ଖାଇବାକୁ ପାଉ ନାହାନ୍ତି, ଅଭାବ ବା ଦୁଃଖକଷ୍ଟରେ ରହୁଛନ୍ତି ବୋଲି ଲୋକମାନେ ବୋଧେ ମାର୍କ୍ସବାଦ ପ୍ରତି ଆକୃଷ୍ଟ ହୁଅନ୍ତି । ଖାଇବାକୁ ପାଇ ନାହିଁ ବୋଲି ମାର୍କ୍ସବାଦୀ ହୋଇଛି- ବିଷୟଟି ଏମିତି ନୁହେଁ । ସମସ୍ତ ଦେଶରେ ହିଁ, ଏହି ଯୁଗରେ ଯେଉଁମାନେ ବଡ଼ ମଣିଷ, ଚିନ୍ତାଶୀଳ, ଦରଦୀ ମନର ମଣିଷ ସେମାନେ ମଣିଷ ପ୍ରତି ଅସୀମ ମମତ୍ୱବୋଧରୁ ହିଁ ମାର୍କ୍ସବାଦ ପ୍ରତି ଆକୃଷ୍ଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକଙ୍କର ହିଁ ଘରେ ଖାଇବା-ପିନ୍ଧିବାର ଅଭାବ ନଥିଲା । ଏପରିକି ସେମାନଙ୍କ ମଧ୍ୟରୁ ଅନେକଙ୍କର ଶୋଷକ ପରିବାରରେ, ଜମିଦାର ଘରେ, ଧନୀ ପରିବାରରେ ଜନ୍ମ ହୋଇଥିଲା। ଯେମିତି ମାଓ-ସେ-ତୁଂ, ଏଙ୍ଗେଲସ୍‌ଙ୍କ ଭଳି ଅନେକଙ୍କର ଘରେ ଅଭାବ ନଥିଲା । କେବଳ ethics ପାଇଁ, noble and higher ideology (ନୈତିକତା, ମହତ୍ ଏବଂ ଉନ୍ନତ ଆଦର୍ଶ) ପାଇଁ, ମୂଲ୍ୟବୋଧ ପାଇଁ ବିଶ୍ୱବ୍ରହ୍ମାଣ୍ଡ ଘାଣ୍ଟିଚକଟି ଏହାଠାରୁ ମୂଲ୍ୟବାନ, ମହତ୍ ଓ ମହାନ୍ କିଛି ଖୋଜି ପାଇ ନାହାଁନ୍ତି ବୋଲି ହିଁ ସେମାନେ ମାର୍କ୍ସବାଦୀ ହୋଇଛନ୍ତି"।

ସେ ଏହି ଶିକ୍ଷା ଦିଅନ୍ତି- ଅସୁବିଧା, ଝନ୍‌ଝଟ୍, ବାଧା ଯାହା ଆସୁ ନା କାହିଁକି, ବିପ୍ଳବୀ କେବେହେଲେ ବିପ୍ଳବର କାର୍ଯ୍ୟକୁ ଅବହେଳା କରିପାରେନା, ତା'ର ଆତ୍ମମର୍ଯ୍ୟାଦାବୋଧ ପାଇଁ ହିଁ ଏହା ପାରେନା। ସେଥିପାଇଁ ସେ କହିଥିଲେ, "ଆପଣମାନେ ମନେରଖିବେ, ସଚେତନ ବିପ୍ଳବୀ ରାଜନୈତିକ କର୍ମୀ ହେବାକୁ ହେଲେ, ଆପଣଙ୍କର ଏମିତି ଗୁଣ ଆୟତ୍ତ କରିବା ଦରକାର ଯେ, ଯେକୌଣସି ଦାୟିତ୍ୱ ଆପଣ ଏକାକୀ ବହନ କରିପାରନ୍ତି। 'ନା' କହିବାକୁ ଆପଣଙ୍କର ଲଜ୍ଜାବୋଧ ହୁଏ, କୈଫିୟତ ଦେବା ପାଇଁ ଲଜ୍ଜାରେ ଆପଣଙ୍କ ମୁଣ୍ଡ ନଇଁଯାଏ, ନିଜ ମର୍ଯ୍ୟାଦାରେ ଆଘାତ ଲାଗେ। 'ପାରିବି ନି- ଏହି କଥା କହିବାକୁ ଆପଣଙ୍କ ମଥା ଲଜ୍ଜାରେ କଟିଯାଏ। ଯେକୌଣସି ଝଡ଼ଝଞ୍ଜା ମଧ୍ୟରେ ବି ଆପଣ ମୁଣ୍ଡ ଥଣ୍ଡା ରଖି ପାରନ୍ତି।" ପୁଣି ଏହି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଯାଇଛନ୍ତି, "... ସବୁ ଯୁଗରେ ଯେଉଁମାନେ ସମାଜ

ପରିବର୍ତ୍ତନ କରିଛନ୍ତି, ବିପ୍ଳବ କରିଛନ୍ତି, ସେମାନେ ସମସ୍ତେ ହିଁ ବିପ୍ଳବୀ ଶାସ୍ତ୍ରର ଗୋଟିଏ ପ୍ରଥମ ପାଠ ମୁଖସ୍ଥ କରିଥିଲେ । ସେହି ପ୍ରଥମ ପାଠଟି ହେଲା, ବିପଦ ଏବଂ ଅସୁବିଧା- ବିରୁଦ୍ଧ ଶକ୍ତି ଠାରୁ ହେଉ, ପ୍ରାକୃତିକ ଦୁର୍ଯ୍ୟୋଗରୁ ହେଉ, ଅଜଣା ଶତ୍ରୁଠାରୁ ହେଉ, ଅଭାବିତ କାରଣରୁ ହେଉ, ଶୋକ ଓ ଦୁର୍ବଳତାରୁ ହେଉ, ଯଦି ଏଗୁଡ଼ିକର ସମ୍ମୁଖୀନ ହୁଅନ୍ତି, ତା'ହେଲେ ଅସୁବିଧାକୁ ତତ୍‌କ୍ଷଣାତ୍ କେମିତି ସୁବିଧାରେ ପରିଣତ କରିବାକୁ ହୁଏ- ଇଂରାଜୀରେ ଆମେ ଯାହାକୁ କହୁ, 'Turn your difficulties to your advantages'- ସମସ୍ତେ ମିଳିମିଶି ଚେଷ୍ଟା କରିପାରିବାର ନାଁ ହେଲା ବିପ୍ଳବୀ ଶିକ୍ଷା ।... ଯେଉଁ ଅସୁବିଧା ଆପଣଙ୍କ ଜୀବନରେ କୌଣସି ଦିନ ଦେଖା ଦେଇନି, ଯେଉଁସବୁ ଝାମେଲା କୌଣସି ଦିନ ସମ୍ଭାଳି ନାହାନ୍ତି, ଯେଉଁ ବିପଦ ସାମନାରେ କୌଣସି ଦିନ ପଡିନାହାଁନ୍ତି- ହଠାତ୍ ଯଦି ସେହି ଅସୁବିଧା, ସେହି ଝାମେଲା, ସେହି ବିପଦର ସମ୍ମୁଖୀନ ହୁଅନ୍ତି- ସମସ୍ତେ ମିଳିମିଶି ତାକୁ ମୁକାବିଲା କରି, ସହ୍ୟ କରି, ଆୟତ୍ତକୁ ଆଣି, ଶୃଙ୍ଖଳା ରକ୍ଷାକରି ଯଦି କାମ କରିପାରନ୍ତି, ତାହେଲେ ଆପଣଙ୍କର କ୍ଷମତା ଯେ କେତେ ଗୁଣ ବଢ଼ିଗଲା, ଆପଣ ଯେ କେତେ ଶିଖିଲେ- ନିଜ ମନ ଉପରେ, ଚରିତ୍ର ଉପରେ, ଆଚରଣ ଉପରେ କେତେ ବିରାଟ ପ୍ରଭାବ ବିସ୍ତାର କରିବାର କ୍ଷମତା ଆପଣଙ୍କର ଆସିଗଲା ।"

ଏ ଦେଶରେ କେବଳ ରାଜନୈତିକ ଓ ଅର୍ଥନୈତିକ ସଂକଟ ନୁହେଁ, ନୀତି ନୈତିକତା ଯେ ମରିଯାଉଛି, ସାଂସ୍କୃତିକ ମାନ ଯେ ଭୁଷୁଡ଼ି ପଡୁଛି, ଏହା ତାଙ୍କୁ କେତେ ଗଭୀର ବ୍ୟଥା ଦେଉଥିଲା, କେତେ ଅସ୍ଥିର କରି ନପକାଉ ଥିଲା । ସେଥିପାଇଁ ଦିନେ ଖୁବ୍ ଦୁଃଖରେ ଗଭୀର ଉଦ୍‌ବେଗର ସହିତ କହିଥିଲେ, "ଗୋଟିଏ କଥା ମୁଁ ଆପଣମାନଙ୍କୁ ନ କହି ରହି ପାରୁନି ଯେ, ଖାଇବାକୁ ନପାଇ ମଧ୍ୟ, ଶୋଷଣ ଅତ୍ୟାଚାରରେ ଜର୍ଜରିତ ହୋଇ ମଧ୍ୟ, ଦିନ ପରେ ଦିନ ଅର୍ଦ୍ଧଭୁକ୍ତ ଓ ଅର୍ଦ୍ଧନଗ୍ନ ଅବସ୍ଥାରେ ରହିବା ପରେ ବି ଗୋଟିଏ ଜାତି ଉଠି ଛିଡା ହୋଇପାରେ, ଲଢ଼ିପାରେ, ଲଢ଼ିବା ପାଇଁ ଶକ୍ତି ଅର୍ଜନ କରିପାରେ, ସଂଗଠିତ ହୋଇପାରେ, ମଥା ଟେକି ଠିଆ ହୋଇପାରେ- ଯଦି ସେହି ଜାତିର ନୈତିକ ବଳ ଅତୁଟ ରହିଥାଏ ଏବଂ ଜନସାଧାରଣଙ୍କ ସମ୍ମୁଖରେ ଗୋଟିଏ ସଠିକ୍ ଆଦର୍ଶ ରହିଥାଏ ।... ଭାରତବର୍ଷର ଶାସକ ସମ୍ପ୍ରଦାୟ ଜାତିର ସେହି ନୈତିକ ଚରିତ୍ରକୁ ସମ୍ପୂର୍ଣ୍ଣରୂପେ ଚୂରମାର କରିଦେବାର ଷଡଯନ୍ତ୍ରରେ ଲିପ୍ତ । ସେମାନେ ଅତ୍ୟନ୍ତ ଧୁରନ୍ଧର । ସେମାନେ ଜାଣନ୍ତି ଯେ, ଶତ

ଅତ୍ୟାଚାରର ଓ ଦମନପୀଡ଼ନ କରି ମଧ୍ୟ, ଖାଇବାକୁ ନଦେଇ ମଧ୍ୟ ଗୋଟିଏ ଜାତିକୁ, ଗୋଟିଏ ଦେଶର ଜନସାଧାରଣଙ୍କୁ କେବଳ ପୁଲିସ ଓ ମିଲିଟାରୀ ସାହାଯ୍ୟରେ ବେଶୀ ଦିନ ପଦଦଳିତ କରି ରଖା ଯାଇପାରିବ ନାହିଁ।...ଜନ ଶକ୍ତି ମଥା ଉଚ୍ଚ କରି ଛିଡ଼ା ହୋଇ ପାରିବ ଯଦି ସେମାନେ ସଠିକ୍ ବିପ୍ଳବୀ ଆଦର୍ଶର ସନ୍ଧାନ ପାଆନ୍ତି ଏବଂ ସେମାନଙ୍କର ନୈତିକ ବଳ ଅତୁଟ ରହିଥାଏ । ଭାରତବର୍ଷର ବୁର୍ଜୁଆଶ୍ରେଣୀ, ଶାସକ ସମ୍ପ୍ରଦାୟ ଇତିହାସରୁ ଭଲ ଶିକ୍ଷାଟି ନେଇନାହାଁନ୍ତି । କିନ୍ତୁ ସଇତାନ ଶାସକ ଶୋଷକ ଭାବରେ ସେମାନଙ୍କର ଯେଉଁଟା ଦରକାର ଥିଲା- ସେହି କାର୍ଯ୍ୟକାରୀ ଶିକ୍ଷାଟି କିନ୍ତୁ ସେମାନେ ଠିକ୍ ନେଇଛନ୍ତି । ତା' ହେଉଛି ଜାତିର ନୈତିକ ବଳକୁ ଧ୍ୱଂସ କରିଦିଅ, ଜାତିର ଚରିତ୍ରକୁ ମାରିଦିଅ । ତା'ହେଲେ ସେମାନେ ଖାଇବାକୁ ନପାଇ ଶତ ଅତ୍ୟାଚାରରେ  ଜଳି ମରୁଥିବେ, କ୍ଷୋଭ ପ୍ରକାଶ କରିବେ, ହୁଏତ କେତେବେଳେ ବିଚ୍ଛିନ୍ନଭାବେ ବିଦ୍ରୋହ କରିବେ- କିନ୍ତୁ ମଥା ପାତି ସହି ନେବେ, ସଂଗଠିତ ବିପ୍ଳବୀ ଆନ୍ଦୋଳନର ଜନ୍ମ ଦେଇପାରିବେ ନାହିଁ- ବିପ୍ଳବ ସଂଗଠିତ କରିପାରିବେ ନାହିଁ । କାହିଁକି ନା, ବିପ୍ଳବୀ ଆଦର୍ଶ ଗ୍ରହଣ ଏବଂ ବିପ୍ଳବ ସଂଗଠିତ କରିବା ପାଇଁ ସଠିକ୍ ମୂଳ ରାଜନୈତିକ ଲାଇନ୍ ଏବଂ ସଠିକ୍ ବିପ୍ଳବୀ ନେତୃତ୍ୱ ଛଡ଼ା ମଧ୍ୟ ଯେଉଁଟି ଅପରିହାର୍ଯ୍ୟ, ତା' ହେଲା ନୈତିକ ବଳ।" ଏହି ଭୟାବହ ସାଂସ୍କୃତିକ ସଂକଟର ସର୍ବନାଶୀ ପରିଣତି କ'ଣ ? ଏହା ଫଳରେ ବ୍ୟକ୍ତି ଜୀବନ, ସାମାଜିକ ଜୀବନ, ରାଜନୈତିକ ଜୀବନ, ଗଣ ଆନ୍ଦୋଳନ ସମସ୍ତ କିଛି ବିପର୍ଯ୍ୟସ୍ତ ହେଉଛି, ସ୍ନେହ-ମାୟା-ମମତା-ଭଲପାଇବା, କର୍ତ୍ତବ୍ୟବୋଧ, ଦାୟିତ୍ୱବୋଧ ସବୁକିଛି ମରିଯାଉଛି, ଛାତ୍ର-ଯୁବକମାନେ ବିପଥଗାମୀ ହେଉଛନ୍ତି, ଏପରିକି ସେମାନେ ରେନେସାଁ ଓ ସ୍ୱଦେଶୀ ଆନ୍ଦୋଳନ ଯୁଗର ଗୌରବମୟ ଅଧ୍ୟାୟକୁ ମଧ୍ୟ  ଭୁଲି ଯାଉଛନ୍ତି, ସେହି ଯୁଗର ବଡ଼ ମନିଷୀମାନଙ୍କୁ ବି ଭୁଲିଯାଉଛନ୍ତି। ଏସବୁ ଦେଖି ଉଦ୍‌ବେଗରେ ସେ ଛଟ୍‌ପଟ୍ ହେଉଥିଲେ । ଛାତ୍ର ସମାବେଶ, ଯୁବ ସମ୍ମିଳନୀ ବା ଶ୍ରମିକ-କୃଷକ କନ୍‌ଫରେନ୍‌ସ, ଯେଉଁଠିକି ବି ସେ ଯାଇଛନ୍ତି, ସେଠାରେ ଯେଉଁ ପ୍ରଶ୍ନ ନେଇ ଆଲୋଚନା କରିଛନ୍ତି, ବାରମ୍ବାର ସମସ୍ତ ଆଲୋଚନାରେ ଏହି ବିପଦ ସମ୍ପର୍କରେ ସେ ଚେତାବନୀ ଦେଇ ଯାଇଛନ୍ତି। ବୁର୍ଜୁଆଶ୍ରେଣୀର ଷଡଯନ୍ତ୍ରକୁ ବ୍ୟର୍ଥ କରି ଯୁବ ସମ୍ପ୍ରଦାୟ, ଶ୍ରମିକ, କୃଷକ ଓ ଜନସାଧାରଣଙ୍କୁ ଅପସଂସ୍କୃତିର ଆକ୍ରମଣରୁ ରକ୍ଷାକରି ନୂତନ ବିପ୍ଳବୀ ସଂସ୍କୃତି ଓ ନୈତିକତାରେ ଉଦ୍‌ବୁଦ୍ଧ ତଥା ଅନୁପ୍ରାଣିତ କରି ଗୋଟିଏ ମହାନ୍ ସାଂସ୍କୃତିକ ଆନ୍ଦୋଳନ

ସେ ଆରମ୍ଭ କରିଦେଇଯାଇଛନ୍ତି। ଏହି ଉଦ୍ଦେଶ୍ୟରେ ସେ ଏ ଦେଶର ରେନେସାଁ ସମୟର ବିଭିନ୍ନ ଚିନ୍ତାନାୟକ, ସ୍ୱାଧୀନତା ଆନ୍ଦୋଳନ ଯୁଗର ବିଭିନ୍ନ ପ୍ରଗତିଶୀଳ ସାହିତ୍ୟିକ ଓ ବିପ୍ଳବୀମାନଙ୍କର ମୂଲ୍ୟାୟନ କରି ସେମାନଙ୍କ ଜୀବନ ତଥା ସଂଗ୍ରାମରୁ ଶିକ୍ଷାନେଇ ଆଜିକାର ଛାତ୍ର-ଯୁବକ ଓ ଜନଗଣ ଯେମିତି ଉଦ୍‌ବୁଦ୍ଧ ହୁଅନ୍ତି, ଏମାନଙ୍କ ନିକଟରୁ ଯା' ଗ୍ରହଣ କରିବା କଥା ତାହା ଗ୍ରହଣ କରି ସର୍ବହରା ସଂସ୍କୃତି ଆୟତ୍ତ କରିବାର ସଂଗ୍ରାମରେ ଯେମିତି ବ୍ରତୀ ହୁଅନ୍ତି, ସେଥିପାଇଁ ବିଭିନ୍ନ ମନିଷୀମାନଙ୍କ ଜୟନ୍ତୀ ପାଳନକୁ ଏକ ଆନ୍ଦୋଳନ ଭାବେ ସେ ପ୍ରଚଳନ କରିଛନ୍ତି। ଏହି ପ୍ରସଙ୍ଗରେ ଆମର ମନିଷୀମାନଙ୍କ ମଧ୍ୟରେ ଅନ୍ୟତମ, ଭାରତବର୍ଷର ସାଂସ୍କୃତିକ ଆନ୍ଦୋଳନର ଆପୋଷହୀନ ଧାରାର ଶ୍ରେଷ୍ଠ ପ୍ରତିନିଧି, ଶରତଚନ୍ଦ୍ରଙ୍କର ଜୟନ୍ତୀ ସମାରୋହରେ ତାଙ୍କର ଯେଉଁ ମର୍ମବ୍ୟଥା ବ୍ୟକ୍ତ ହୋଇଥିଲା, ତା' ବିଶେଷଭାବେ ଉଲ୍ଲେଖଯୋଗ୍ୟ। ସେ କହିଥିଲେ, "ଶରତଚନ୍ଦ୍ରଙ୍କୁ ଭୁଲି ଯିବା ଫଳରେ ଆଜି ରାଜନୈତିକ ଆନ୍ଦୋଳନ, ଗଣଆନ୍ଦୋଳନ, ସାହିତ୍ୟ ଆନ୍ଦୋଳନ କ୍ଷେତ୍ରରେ, ନୀତି ନୈତିକତା କ୍ଷେତ୍ରରେ ରୁଚି ସଂସ୍କୃତିର ଉଚ୍ଚ ମାନଟି ତଳକୁ ଖସିଯାଇଛି । ଫଳରେ ଆମେ ଛିନ୍ନମୂଳ ହୋଇଯାଇଛୁ। ସେଥିପାଇଁ ଆମେ ବଡ଼ ବଡ଼ କଥା କହୁ, କିନ୍ତୁ ବଡ଼ ହୃଦୟବୃତ୍ତିର କାରବାର କରୁନା। କୌଣସି ଆନ୍ଦୋଳନ କେବଳ ତ ବୁଦ୍ଧିର କାରବାର ନୁହେଁ- ବୁଦ୍ଧି ଏବଂ ହୃଦୟବୃତ୍ତିର କାରବାର । ବିପ୍ଳବ ମଧ୍ୟ ସେଇଆ। ଚିନ୍ତା ଆଗେଇ ଯାଉଛି, ସେଠି ହୃଦୟବୃତ୍ତିର ଆଧାରଟା ନିମ୍ନସ୍ତରକୁ ଖସିଗଲେ ତ ବ୍ୟବଧାନ ରହିଯିବ । ତା'ହେଲେ ଆନ୍ଦୋଳନ ଓ ଚିନ୍ତା ଶେଷ ପର୍ଯ୍ୟନ୍ତ ବିପଥଗାମୀ ହେବ। ଫଳରେ ପଥ ମିଳିବ ନାହିଁ । ଆଜିକାର ଦିନରେ ଭାରତବର୍ଷର ଗଣଆନ୍ଦୋଳନର ସ୍ତରେ ସ୍ତରେ ଯେ ନୀତି ନୈତିକତା ନାହିଁ- ଏହି ସତ୍ୟଟିକୁ ମୁଁ ଅତ୍ୟନ୍ତ ବେଦନାର ସହିତ ଲକ୍ଷ୍ୟ କରୁଛି।... ଏହି ଆନ୍ଦୋଳନ ମଧ୍ୟରୁ ଗୋଟିଏ କଥା ମୋତେ ବାରମ୍ବାର ଧକ୍କା ଦେଉଛି । ତା'ହେଲା- ଏହି ନୀତି ନୈତିକତା, ସଂସ୍କୃତିର ସ୍ୱର ଏବଂ ଆଧାରଟି ଭୁଷୁଡ଼ି ପଡ଼ିଛି । ସେଥିପାଇଁ ଆଜି କେବଳ ସ୍ଲୋଗାନ୍‌ସର୍ବସ୍ୱ ଆନ୍ଦୋଳନ ହେଉଛି । ଫଳରେ ବାରମ୍ବାର ଆନ୍ଦୋଳନ ଉତ୍ତାଳ ତରଙ୍ଗ ଭଳି ଫୁଲି ଫୁଲି ଆସୁଛି- କହୁଛି ପରିବର୍ତ୍ତନ ଚାହେଁ, ବିପ୍ଳବ ଚାହେଁ। ମଣିଷ ମରୁଛି, ଯୁବକମାନେ ମରୁଛନ୍ତି। କିନ୍ତୁ ବିପ୍ଳବ ହେଉନାହିଁ, ପରିବର୍ତ୍ତନ ଆସୁନାହିଁ। ଏହିଭଳି ବିଛିନ୍ନ ଏକାନ୍ତଭାବରେ ରୁଚି ସଂସ୍କୃତି ବହିଃର୍ଭୂତ ଆନ୍ଦୋଳନରେ- କେବଳ ଲଢ଼େଇ କଲେ, ପ୍ରାଣ ଦେଲେ ତାଦ୍ୱାରା ପରିବର୍ତ୍ତନ ଆସେନାହିଁ। ସୁନିର୍ଦ୍ଦିଷ୍ଟ ରାଜନୈତିକ ଲକ୍ଷ୍ୟ ଭିତ୍ତିରେ ନୀତିଭିତ୍ତିକ ଆନ୍ଦୋଳନ ହେଲେ ଯାଇ- ଜାତିର ମେରୁଦଣ୍ଡ ଠିଆ

ହୋଇପାରିବ।

...ଶରତ ସଂସ୍କୃତିର ଚର୍ଚ୍ଚା, ଶରତଚନ୍ଦ୍ରଙ୍କର ଚିନ୍ତାଭାବନା ନେଇ ଆଳାପ ଆଲୋଚନା ଆଜିକାର ସମାଜରେ ଏଥିପାଇଁ ଆହୁରି ବେଶୀ ଦରକାର ଯେ, ଆମେମାନେ ଛିନ୍ନମୂଳ ହୋଇପଡ଼ିଛୁ। ଯେହେତୁ ସଂସ୍କୃତିର ଯେଉଁ ଉଚ୍ଚ ଆଧାରଟି ସ୍ୱାଧୀନତା ଆନ୍ଦୋଳନ ସମୟରେ ଗଢ଼ିଉଠିଥିଲା, ଆମେ ତା'ର ଧାରାବାହିକତା ରକ୍ଷା କରିପାରି ନାହୁଁ । ମହତ୍ କଥାଗୁଡ଼ିକ ଆମେମାନେ ବିଶ୍ୱରୁ ଆହରଣ କରିଛୁ । କିନ୍ତୁ ଦେଶର ମାଟିରେ ଗଢ଼ି ଉଠିଥିବା ଉଚ୍ଚ ସଂସ୍କୃତିର ସ୍ୱର ସହିତ ଆମେ ଯେମିତି ଯୋଗସୂତ୍ର ହରେଇ ବସିଛୁ। ଏହି ଯୋଗସୂତ୍ରଟି ଗଢ଼ି ତୋଳିବାକୁ ହେବ । ଅଥଚ ତା ସହିତ ଆଜି ବିରୋଧ ମଧ୍ୟ ଅବଶ୍ୟମ୍ଭାବୀ । କାରଣ ସେ ଥିଲେ ପେଟି ବୁର୍ଜୁଆ ବିପ୍ଳବବାଦ ଏବଂ ମାନବତାବାଦର ଉପାସକ । ଆଉ ଆମକୁ କରିବାକୁ ହେବ ଶ୍ରମିକ ବିପ୍ଳବ, ସମାଜତାନ୍ତ୍ରିକ ବିପ୍ଳବ– ପୁଞ୍ଜିବାଦ ଉଚ୍ଛେଦର ବିପ୍ଳବ । ସୁତରାଂ, ବିପ୍ଳବର ସାଧନାରେ ଆମକୁ ଆଉ ପାଦେ ଆଗେଇ ଯିବାକୁ ହେବ। କିନ୍ତୁ ଆମେ ସେତେବେଳେ ଆଗେଇ ଯାଇପାରିବୁ, ଯେତେବେଳେ ଆମେ ଶରତଚନ୍ଦ୍ରଙ୍କୁ ବୁଝିବୁ ଏବଂ ବୁଝି ତା'ର ସମସ୍ତ ରସକୁ ନିଗାଡ଼ି ନେଇ ଏହାର ଖଦଡ଼ା ଅଂଶକୁ ଫୋପାଡ଼ି ଦେଇ ପାରିବୁ, ତା'ର ଅକାର୍ଯ୍ୟକାରୀ ଦିଗଟିକୁ ବାହାର କରି ଦେଇ ପାରିବୁ, ତା'ମଧ୍ୟରେ ଯାହା କିଛି ସମ୍ପଦ ଅଛି– ସମସ୍ତ ସମ୍ପଦଗୁଡ଼ିକୁ ଆମେ ନିଃଶେଷିତ କରିଦେଇ ପାରିବୁ। ଆଉ ଆମନଙ୍କର କିଛି ନେବାର ନାହିଁ। କିନ୍ତୁ ଆମେମାନେ କିଛି ହିଁ ନେଇ ପାରିଲୁ ନାହିଁ। ଆମେମାନେ ଯୋଗସୂତ୍ରଟିକୁ ହରେଇବସିଲୁ । ଶରତଚନ୍ଦ୍ରଙ୍କ ସ୍ତରର ଉନ୍ନତ ମାନସିକତା ଓ ମୂଲ୍ୟବୋଧଗୁଡ଼ିକ ମଧ୍ୟ ଆମ ପାଖରେ ନାହିଁ। ତା'ହେଲେ ଆମେମାନେ ଆଜିକାର ଦିନରେ ବିପ୍ଳବର ସୈନିକ ହେବୁ କିପରି ? ସମାଜର ପରିବର୍ତ୍ତନ କରିବୁ କିପରି ? ସେଥିପାଇଁ ଶରତଚନ୍ଦ୍ରଙ୍କୁ ଭଲଭାବରେ ଜାଣିବାକୁ ହେବ, ବୁଝିବାକୁ ହେବ..."।

ବିପ୍ଳବ ପାଇଁ ଏହି ରୁଚି ସଂସ୍କୃତି ଯେ କେତେ ଅପରିହାର୍ଯ୍ୟ ବୋଲି ସେ ମନେକରୁଥିଲେ, ତା' ବୁଝିହୁଏ, ଯେତେବେଳେ ସେ କହୁଥିଲେ, 'ବିପ୍ଳବୀ ରାଜନୀତିର ପ୍ରାଣ, ଉନ୍ନତ ସଂସ୍କୃତିର ମାନ'। ସେ ମେହେନତି ଜନଗଣଙ୍କୁ କହୁଥିଲେ, "କେବଳ ରାଜନୈତିକ ଭାବରେ ନୁହେଁ, ସ୍ଲୋଗାନରେ ନୁହେଁ, ଆଚାର ଆଚରଣରେ, ନୀତି ନୈତିକତାରେ, ରୁଚି ସଂସ୍କୃତି କ୍ଷେତ୍ରରେ ବୁର୍ଜୁଆ ଅପସଂସ୍କୃତିର କୂପମଣ୍ଡୁକତାରୁ ମୁକ୍ତ ହୋଇ ନିଜ ମଧ୍ୟରେ ବିପ୍ଳବୀ ନେତୃତ୍ୱ ଜନ୍ମଦେବାକୁ ଯେଉଁ proletariate

(ସର୍ବହରା) ସକ୍ଷମ ହୁଏ, ସେ ହିଁ ଏକମାତ୍ର ଦୁନିଆକୁ ପରିବର୍ତ୍ତନ କରିପାରେ।” ସ୍ୱଦେଶୀ ଆନ୍ଦୋଳନର ନାନା ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ବି ନୀତି ନୈତିକତାର ଯେଉଁ ଉଚ୍ଚ ମାନଟି ଥିଲା, ତା’ ଉଲ୍ଲେଖ କରି ସେ ଦିନେ କହିଥିଲେ, “...ସ୍ୱାଧୀନତା ଆନ୍ଦୋଳନ ଯୁଗରେ ବୁର୍ଜୁଆ ଜାତୀୟତାବାଦ, ବୁର୍ଜୁଆ ମାନବତାବାଦ ତୁଳନାମୂଳକ ଭାବେ ତତ୍କାଳୀନ ଧର୍ମଭିତ୍ତିକ ସମାଜର ଆଦର୍ଶବୋଧ ଓ ନୀତିନୈତିକତାର ଧାରଣା ଠାରୁ ଆପେକ୍ଷିକ ଅର୍ଥରେ ପ୍ରଗତିଶୀଳ ଜୀବନ ଦର୍ଶନ ଥିଲା ବୋଲି ହିଁ ସାମନ୍ତତାନ୍ତ୍ରିକ ସମାଜର ପରିବେଷ୍ଟନୀ ମଧ୍ୟରେ ସୁପ୍ତ ଥିବା କୂପମଣ୍ଡୁକମାନଙ୍କୁ କେତେକାଂଶରେ ଜାଗ୍ରତ କରି ସେମାନଙ୍କର ଗୋଟିଏ ଅଂଶ ମଧ୍ୟରେ ପ୍ରାଣ ଚଞ୍ଚଳ୍ୟର ଜୁଆର ଖେଳାଇଦେଇ ପାରିଥିଲା। ଅଥଚ ଆମ ଦେଶର ସେହି ସ୍ୱାଧୀନତା ଆନ୍ଦୋଳନ ମଧ୍ୟରେ କେତେ ତ୍ରୁଟି ଥିଲା । ଏହା ଥିଲା ଧର୍ମଭିତ୍ତିକ ଜାତୀୟତାବାଦ (Religion Oriented Nationalism)। ଧର୍ମୀୟ କୁସଂସ୍କାର ଓ ଜାତିଭେଦର ପ୍ରଭାବରୁ ଏହି ଆନ୍ଦୋଳନ ସମ୍ପୂର୍ଣ୍ଣଭାବେ ମୁକ୍ତ ନଥିଲା, ଏବଂ ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ଦେଲେ, ସେମାନେ ଶେଷପର୍ଯ୍ୟନ୍ତ ଏଦେଶରେ ପୁଞ୍ଜିବାଦକୁ ହିଁ ସଂହତ କଲେ। ତଥାପି ଏହି ନେତୃତ୍ୱ ଅଧୀନରେ ହିଁ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନର ଝଣ୍ଡାଟି ଉର୍ଦ୍ଧ୍ୱତୋଳିତ ହୋଇଥିଲା, ସେହି ଆନ୍ଦୋଳନରେ ହଜାର ଧରଣର ତ୍ରୁଟି ଥିବା ସତ୍ତ୍ୱେ ବି ଯେହେତୁ ତୁଳନାମୂଳକ ବିଚାରରେ ସେହି ଆଦର୍ଶ ସେତେବେଳେ ପ୍ରଚଳିତ ସାମାଜିକ ଆଦର୍ଶ ଅପେକ୍ଷା ଉନ୍ନତତର ଏବଂ ଆପେକ୍ଷିକ ଅର୍ଥରେ କେତେକାଂଶରେ ପ୍ରଗତିଶୀଳ ଥିଲା, ସେହେତୁ ସ୍ୱାଧୀନତା ଆନ୍ଦୋଳନର ସ୍ପର୍ଶରେ ସମଗ୍ର ଦେଶର ଯୁବସମାଜର ଗୋଟିଏ ଅଂଶ ନୂତନ ତେଜ ଓ ନୂତନ ଉଦ୍ଦୀପନା ସହକାରେ କିଛି ଦିନ ପାଇଁ ସାମୟିକଭାବେ ହେଲେ ମଧ୍ୟ ଜାଗି ଉଠିଥିଲା। ସମସ୍ତ ପ୍ରଗତିଶୀଳ ଆଦର୍ଶର ହିଁ ଏହା ନିୟମ। ତେଣୁ ସେଦିନର ଜାତୀୟତାବାଦୀ ଆନ୍ଦୋଳନ ଏ ଦେଶରେ ଶିକ୍ଷା-ଦୀକ୍ଷା, ଜ୍ଞାନ-ବିଜ୍ଞାନ, ଶିଳ୍ପସାହିତ୍ୟ ସମସ୍ତ କ୍ଷେତ୍ରରେ ସୀମିତଭାବେ ହେଲେ ମଧ୍ୟ ଅଗ୍ରଗତିର ଦ୍ୱାର କେତେକାଂଶରେ ଉନ୍ମୁକ୍ତ କରିଦେଇପାରିଥିଲା । ରାଜା ରାମମୋହନ ଓ ବିଦ୍ୟାସାଗରଙ୍କ ମଧ୍ୟଦେଇ ଯେଉଁ ବୁର୍ଜୁଆ ମାନବତାବାଦୀ ଆନ୍ଦୋଳନର ଆରମ୍ଭ, ସେଦିନର ସ୍ୱାଧୀନତା ଆନ୍ଦୋଳନ ମଧ୍ୟରେ ସେହି ଧାରାବାହିକତାରେ ଜନ୍ମ ନେଇଥିଲେ, ଗୋଟିଏ ଦିଗରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ, ଜଗଦୀଶ ଚନ୍ଦ୍ର ବୋଷ, ସତ୍ୟନ୍ଦ୍ରନାଥ ବୋଷ, ସି.ଭି.ରମଣ, ମେଘନାଦ ଶାହା;

ଅନ୍ୟଦିଗରେ ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ, ଶରତଚନ୍ଦ୍ର, ନଜରୁଲ ପ୍ରଭୃତି ମନିଷୀଗଣ।" ସେଦିନ ନୀତିନୈତିକତାର ଉଚ୍ଚ ମାନ ଥିବା ସତ୍ତ୍ୱେ ବି ଆଜି ଦେଶର ଏହି ସର୍ବାତ୍ମକ ସଂକଟ କାହିଁକି- ଏହି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, "...ଇତିହାସର ଗତିପଥରେ ସେହି ଜାତୀୟତାବାଦୀ ଓ ବୁର୍ଜୁଆ ମାନବତାବାଦୀ ଆଦର୍ଶ ଆଜି ଯେ କେବଳ ଅକାର୍ଯ୍ୟକାରୀ ହେଇଯାଇଛି, ପ୍ରତିକ୍ରିୟାଶୀଳ ରୂପ ଧାରଣ କରିଛି ତା' ନୁହେଁ, ଅପରନ୍ତୁ ଆଜି ଏହା  କ୍ଷମତାସୀନ ଶାସକ ଶୋଷକ ପୁଞ୍ଜିପତିଶ୍ରେଣୀ ହାତରେ ସୁବିଧା (Privilege) ହାସଲ କରିବାର ଏକ ଅସ୍ତ୍ରରେ ପର୍ଯ୍ୟବସିତ ହୋଇଛି। ସେଥିପାଇଁ ଆଜି ଆଉ ପୁରୁଣାଦିନର ସେହି ଜାତୀୟତାବାଦୀ ଆଦର୍ଶ ଯୁବ ସମାଜକୁ କୌଣସି ପ୍ରକାରରେ ଉଦ୍‌ବୁଦ୍ଧ କରିପାରୁ ନାହିଁ। ଆଜି ତା' ପଚି ଯାଇଛି ଏବଂ ପଚି ଯାଇଛି ବୋଲି ହିଁ ଆଜି ସେହି  ଜାତିୟତାବାଦୀ ଆଦର୍ଶର ବିଜୟ ଡିଣ୍ଡିମ କଂଗ୍ରେସ ଯେତେ ହିଁ ବଜାଉଛି ସେତେ ସମଗ୍ର ପ୍ରଶାସନ ଓ ସମଗ୍ର ଦେଶ ଦୁର୍ନୀତିରେ ଛାଇ ଯାଉଛି । ସେମାନେ ଯେତେ କହୁଛନ୍ତି, 'ସତ୍ ହୁଅ', ସେତେ ହିଁ ଲୋକମାନେ ହସି ହସି ଆହୁରି ଅସତ୍ ହେଉଛନ୍ତି । ଏପରିକି ସେମାନଙ୍କର ଅସତ୍ ହେବାରେ ମାନସିକ ଗ୍ଲାନି ଟିକକ ବି ନାହିଁ। ଅନ୍ୟଦିଗରେ ପୁରୁଣା ଧର୍ମୀୟ ମୂଲ୍ୟବୋଧଗୁଡିକ ବି ଆମ ସାମାଜିକ ଜୀବନରେ ପ୍ରାୟ ନିଃଶେଷିତ ହେଇଯାଇଛି। ଅଥଚ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ, ମାର୍କ୍ସବାଦ-ଲେନିନବାଦ ଓ ବୈଜ୍ଞାନିକ ସମାଜତନ୍ତ୍ରର ଚିନ୍ତାଧାରା ଭିତ୍ତିରେ ବିପ୍ଳବୀ ମତବାଦ ଓ ବିପ୍ଳବୀ ରାଜନୀତି ଆଜି ବି ଆମ ଦେଶର ଜନଜୀବନ ଓ ଯୁବଜୀବନରେ ଯଥେଷ୍ଟ ପ୍ରଭାବ ବିସ୍ତାର କରି ନ ପାରିବା ଫଳରେ ଆଦର୍ଶ କ୍ଷେତ୍ରରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି, ତା'ରି ହିଁ ପରିଣତିରେ ଏହି ଚୂଡାନ୍ତ ସାଂସ୍କୃତିକ ଅବକ୍ଷୟ ଓ ନୈତିକତାର ସଂକଟ"। ଆଜିକାର ଯୁଗର ସର୍ବଶ୍ରେଷ୍ଠ ମତବାଦ ହିସାବରେ ମାର୍କ୍ସବାଦ ମଧ୍ୟରେ ହିଁ ଯେ ଉନ୍ନତ ରୁଚି-ସଂସ୍କୃତିର ମାନ ରହିଛି, ଏହି ପ୍ରସଙ୍ଗରେ ସେ କହିଥିଲେ, "...ଯେକୌଣସି ଆଦର୍ଶ, ଯେକୌଣସି ଦର୍ଶନ, ଯେକୌଣସି ବଡ଼ ମତବାଦର ଅସଲ ମର୍ମବସ୍ତୁ ତା'ର ନୈତିକ ମାନ ଓ ସଂସ୍କୃତିଗତ ତଥା ରୁଚିଗତ ମାନ ମଧ୍ୟରେ ନିହିତ ଥାଏ। ମାର୍କ୍ସବାଦ ଗୋଟିଏ ମହାନ୍ ବିପ୍ଳବୀ ଆଦର୍ଶ। ଫଳରେ ଏହି ମହତ୍ତର ବିପ୍ଳବୀ ଆଦର୍ଶର ମଧ୍ୟ ମର୍ମବସ୍ତୁ ଏବଂ ପ୍ରାଣସତ୍ତା ତାର ସଂସ୍କୃତିଗତ ମାନ ଏବଂ ନୈତିକମାନ ମଧ୍ୟରେ ନିହିତ ରହିଛି"। ସେଥିପାଇଁ ଗୋଟିଏ ଦଳ ଯଥାର୍ଥରେ ମାର୍କ୍ସବାଦୀ-ଲେନିନବାଦୀ କି ନୁହେଁ, ତା' ବିଚାର କରିବା କ୍ଷେତ୍ରରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ

ଐତିହାସିକ ମାପକାଠି ସେ ଉପସ୍ଥାପନ କରିଥିଲେ; ସେ କହିଥିଲେ, "... ମାର୍କ୍ସବାଦ-ଲେନିନ୍‌ବାଦର କଥା କହି ଯଦି କୌଣସି ଦଳ ନୈତିକ ବଳକୁ ଅଧଃପତିତ କରେ, ଦଳର କର୍ମୀମାନେ କୁସଂସ୍କୃତି, ଅପସଂସ୍କୃତିର ଶିକାର ହୋଇଯାଆନ୍ତି, ଲାଉରେଲାପ୍ପା culture (ସଂସ୍କୃତି)କୁ ପ୍ରତିଫଳିତ କରନ୍ତି, କଥାବାର୍ତ୍ତାରେ ଭଦ୍ରତା-ଶାଳୀନତା ନରୁହେ, ଆଦର୍ଶର ସଂଘାତକୁ ଭୟ କରନ୍ତି, ଯୁକ୍ତିତର୍କର ରାସ୍ତା ଏଡେଇ ଯାଇ ବାହୁବଳରେ ଅନ୍ୟକୁ ପଦାନତ କରିବାକୁ ଚେଷ୍ଟା କରିବାକୁ ଚାହାଁନ୍ତି, ଯେକୌଣସି ଯୁକ୍ତିର ଆଢୁଆଳରେ ହେଉ ନା କାହିଁକି, କାପୁରୁଷୋଚିତ ଆକ୍ରମଣର ପ୍ରବଣତାକୁ ପ୍ରଶ୍ରୟ ଦିଅନ୍ତି, କର୍ତ୍ତବ୍ୟରେ ଅବହେଳା (neglect of duty)କୁ ପ୍ରଶ୍ରୟ ଦିଅନ୍ତି, ତେବେ ହଜାର ବାର ଦାବି କଲେ ବି ସେହି ଦଳର ଆଦର୍ଶ ଯଥାର୍ଥରେ ଉନ୍ନତ ଆଦର୍ଶ ହୋଇପାରେନା, ମାର୍କ୍ସବାଦୀ-ଲେନିନ୍‌ବାଦୀ ଆଦର୍ଶ ତ କଦାପି ନୁହେଁ"। ଏହି ପ୍ରଶ୍ନରେ ୧୯୬୭, ୧୯୬୯ ମସିହାର ଯୁକ୍ତଫ୍ରଣ୍ଟ ସରକାର ଶାସନ ସମୟରେ ସି.ପି.ଆଇ(ଏମ୍) ଦଳର ଆଚରଣ ସମ୍ପର୍କରେ ସେ କହିଥିଲେ, "...ଯୁକ୍ତଫ୍ରଣ୍ଟ ସମୟରେ ଯେତେବେଳେ ତଥାକଥିତ ମାର୍କ୍ସବାଦୀ-ଲେନିନ୍‌ବାଦୀ ଦଳ ସି.ପି.ଆଇ(ଏମ୍)ର ଶକ୍ତି ସବୁଠାରୁ ବୃଦ୍ଧି ପାଇଥିଲା, ସେତେବେଳେ ତା'ର କର୍ମୀ ଏବଂ ସମର୍ଥକଙ୍କ ଅତ୍ୟାଚାରରେ ଦେଶର ମଣିଷ ଭୀତ ସନ୍ତ୍ରସ୍ତ ଥିଲେ। ସେମାନଙ୍କ ଦଳର ଶକ୍ତି ବୃଦ୍ଧି ଏବଂ ଛାତ୍ର ଓ ଯୁବ ସମାଜ ମଧ୍ୟରେ ପ୍ରଭାବ ବୃଦ୍ଧି ଫଳରେ ଉନ୍ନତ ନୈତିକ ଏବଂ ସାଂସ୍କୃତିକ ମାନ ପ୍ରତିଫଳିତ ହେବା ତ ଦୂରର କଥା, ସମାଜର ସାଂସ୍କୃତିକ ଅବକ୍ଷୟ ଉପରେ ଗୋଟିଏ କାର୍ଯ୍ୟକାରୀ ନିୟନ୍ତ୍ରଣ (restraining effect) ରହିବା ତ ଦୂରର କଥା, ସେହି ସମୟରେ ଦେଖାଗଲା ଛାତ୍ରମାନଙ୍କ ମଧ୍ୟରେ ପରୀକ୍ଷାରେ ଲଗାମହୀନ ଭାବେ କପି କରିବା ଏକ ଆନ୍ଦୋଳନ( ! )ର ରୂପ ପରିଗ୍ରହ କରିଥିଲା। ସେମାନଙ୍କ ଦ୍ୱାରା ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଅଧିକମାତ୍ରାରେ ପୋଲିସ ଓ ପ୍ରଶାସନକୁ କାମରେ ଲଗାଇ ବ୍ୟକ୍ତି ସ୍ୱାର୍ଥରେ ଅନ୍ୟାୟ ସୁବିଧା ସୁଯୋଗ ନେବାର ପ୍ରବଣତା ବୃଦ୍ଧି ପାଇଲା, ସାମାଜିକ କର୍ତ୍ତବ୍ୟବୋଧ (obligation) ବୃଦ୍ଧି ପାଇବା ପରିବର୍ତ୍ତେ କାମ (duty)ରେ ଫାଙ୍କି ଦେବାର ପ୍ରବଣତା ବୃଦ୍ଧି ପାଇଲା। ଭିନ୍ନ ମତାବଲମ୍ବୀମାନଙ୍କ ପ୍ରତି ଆଦର୍ଶଗତ ସହିଷ୍ଣୁତାର ମନୋଭାବ ଗଢ଼ି ଉଠିବା ପରିବର୍ତ୍ତେ ଅନୁକୂଳ ପରିବେଶରେ କାପୁରୁଷୋଚିତ ଆକ୍ରମଣ ମଧ୍ୟଦେଇ ସେମାନଙ୍କର କଣ୍ଠରୋଧ କରିଦେବାର ହୀନ ପ୍ରବଣତା ବୃଦ୍ଧି ପାଇଲା। ...ଯଦି ସେମାନଙ୍କର ରାଜନୀତି ଯଥାର୍ଥ ବିପ୍ଳବୀ ରାଜନୀତି ହୋଇଥାଆନ୍ତା, ତେବେ ଗୋଟିଏ

ଦିଗରେ ସମାଜର ସର୍ବସ୍ତରର ଶୁଭବୁଦ୍ଧିସମ୍ପନ୍ନ ଲୋକଙ୍କ ନିକଟରୁ ସେମାନେ ଯେମିତି ପାଇଥାନ୍ତେ ଆନ୍ତରିକ ଆଶୀର୍ବାଦ, ଅନ୍ୟଦିଗରେ ଶୋଷକ ବୁର୍ଜୁଆଶ୍ରେଣୀଠାରୁ ପାଇଥାନ୍ତେ ତୀବ୍ର ଘୃଣା । ମାତ୍ର ବାସ୍ତବରେ ଦେଖାଗଲା ଠିକ୍ ତାର ଓଲଟା । ଅର୍ଥାତ୍ ଗୋଟିଏ ଦିଗରେ ପୁଞ୍ଜିବାଦୀ ରାଷ୍ଟ୍ରର ପ୍ରଶାସନ ଓ ପୋଲିସ ବିଭାଗର ଗୋଟିଏ ଅଂଶ ଏବଂ ଏପରିକି ଦେଶର ପୁଞ୍ଜିପତିଶ୍ରେଣୀର ଗୋଟିଏ ଅଂଶ କଂଗ୍ରେସର *(ସେତେବେଳେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ କଂଗ୍ରେସ ସରକାର ଶାସନରେ ଥିଲା) ବିକଳ୍ପ ଶକ୍ତି ହିସାବରେ ସେତେବେଳେ ନାନାଭାବରେ ସେମାନଙ୍କୁ ସମର୍ଥନ କରିବାକୁ ଆରମ୍ଭ କଲା, ଅନ୍ୟଦିଗରେ ସମାଜର ଶୁଭବୁଦ୍ଧିସମ୍ପନ୍ନ ଲୋକଙ୍କ ମଧ୍ୟରେ ସେମାନଙ୍କ ପ୍ରତି ପ୍ରବଳ ଭୟ ଦେଖାଦେଲା । ସେମାନେ ଯେ କେବଳମାତ୍ର ମାର୍କ୍ସବାଦର ମନ୍ତ୍ର ଜପି ଜପି ଏବଂ ବିପ୍ଳବର ନାମାବଳୀ ପିନ୍ଧି ଅବକ୍ଷୟିତ ବୁର୍ଜୁଆ ଅପସଂସ୍କୃତିର ଶିକାର ହୋଇଯାଇ ନିଜକୁ ଅଧଃପତିତ କରିଛନ୍ତି ତା' ନୁହେଁ, ମାର୍କ୍ସବାଦ ଭଳି ଏକ ଉଚ୍ଚ ଆଦର୍ଶକୁ ବି ଏ ଦେଶର ଶୁଭବୁଦ୍ଧିସମ୍ପନ୍ନ ମଣିଷ, ଯୁବସମାଜ ଓ ଛାତ୍ରସମାଜ ନିକଟରେ କାଳିମାଲିପ୍ତ କରିଛନ୍ତି । ଯୁକ୍ତଫ୍ରଣ୍ଟ ପରବର୍ତ୍ତୀ ସମୟରେ ଛାତ୍ର ପରିଷଦ ଓ ଯୁବ କଂଗ୍ରେସ ଯେ ଏତେ ଶକ୍ତି ଅର୍ଜନ କଲା, କଂଗ୍ରେସ ଯେ ଏତେ ଶକ୍ତି ଅର୍ଜନ କଲା, ତା'ର ଗୋଟିଏ ପରୋକ୍ଷ କାରଣ ହେଉଛି ଯୁକ୍ତଫ୍ରଣ୍ଟ ସମୟରେ ସିପିଆଇ(ଏମ୍)ର ଶକ୍ତି ବୃଦ୍ଧି । ସେମାନଙ୍କ ପ୍ରଭାବରେ ହିଁ ପରିଚାଳିତ ଛାତ୍ର ସମାଜ ମଧ୍ୟରେ ଯେଉଁ ମାନସିକତା, ଯୁବ ସମାଜ ମଧ୍ୟରେ ଯେଉଁ ମାନସିକତା ଯୁକ୍ତଫଣ୍ଟ ସମୟରେ ଅଧିକ ମାତ୍ରାରେ ପ୍ରତିଫଳିତ ହୋଇଛି, ତା' ଦେଖି ଘରେ ଘରେ, ଛାତ୍ର-ଯୁବକମାନଙ୍କର ବାପା-ମାଆଙ୍କ ଠାରୁ ଆରମ୍ଭ କରି ପ୍ରତିଟି ସାଧାରଣ ମଣିଷ ଭାବିଛି- କି ସର୍ବନାଶ ! ଏହା ଯଦି ମାର୍କ୍ସବାଦୀମାନଙ୍କର ଚେହେରା ହୁଏ, ମାର୍କ୍ସବାଦୀ-ଲେନିନବାଦୀ ହେଲେ ଯଦି ସାହି-ବସ୍ତିରେ, ସ୍କୁଲ-କଲେଜରେ ଯେଉଁସବୁ ମୂର୍ତ୍ତି ଦେଖିବାକୁ ମିଳୁଛି, ମାର୍କ୍ସବାଦୀମାନଙ୍କର ଯଦି ସେହି ମୂର୍ତ୍ତି ହୁଏ, ତେବେ ଏଭଳି ମାର୍କ୍ସବାଦ-ଲେନିନବାଦକୁ ଶତ ନମସ୍କାର" । ଏହିଭାବେ ହିଁ ସି.ପି.ଆଇ, ସି.ପି.ଆଇ(ଏମ୍) ପ୍ରଭୃତି ଦଳ ଏ ଦେଶ ମାଟିରେ ମାର୍କ୍ସବାଦ ଭଳି ଏକ ମହାନ୍ ଆଦର୍ଶକୁ କଳଙ୍କିତ କରିଛନ୍ତି । ସେଥିପାଇଁ ସେ ଏହି ଦଳଗୁଡ଼ିକ ସମ୍ପର୍କରେ କହିଛନ୍ତି, "...କୌଣସି ଗୋଟିଏ ପାର୍ଟି ଆଦର୍ଶର ବଡ଼ ବଡ଼ କଥା କହୁଛି କି ନାହିଁ, ସେଇଟା ବଡ଼ କଥା ନୁହେଁ । ସେମାନଙ୍କର ଆଦର୍ଶ ସତରେ ବଡ଼ କି ନୁହେଁ, ତା'ର ଗୋଟିଏ ବଡ଼ ପ୍ରମାଣ ହେଉଛି, ସେମାନଙ୍କର

ନେତା-କର୍ମୀ ଓ ସମର୍ଥକବୃନ୍ଦ ବ୍ୟକ୍ତିଗତ ଜୀବନରେ, ଦୈନନ୍ଦିନ ବ୍ୟବହାରରେ ଓ ରାଜନୈତିକ ଆଚାର-ଆଚରଣରେ ଉନ୍ନତ ରୁଚି ଓ ସଂସ୍କୃତିର ମାନ ପ୍ରତିଫଳିତ କରୁଛନ୍ତି କି ନାହିଁ । ସଂସ୍କୃତିଗତ ଓ ରୁଚିଗତ ମାନ ଯଦି ଉଚ୍ଚ ନଥାଏ, ତା'ହେଲେ ଯେକୌଣସି ଗୋଟିଏ ଉଚ୍ଚ ସ୍ତରର ରାଜନୈତିକ ଆଦର୍ଶର ଢ଼ାଞ୍ଚାଟି ଏକ ପ୍ରାଣହୀନ ଶରୀର ଭଳି ହୋଇଯାଏ। ଗୋଟିଏ ଶରୀର ଦେଖିବାକୁ ଖୁବ୍ ସୁନ୍ଦର ହେଲେ ମଧ୍ୟ ଯଦି ତା'ର ପ୍ରାଣ ନଥାଏ, ତା'ହେଲେ ସେଇଟା ଯେମିତି ଅକାର୍ଯ୍ୟକାରୀ, ତାକୁ ପକାଇ ରଖିଲେ ଯେମିତି ସମାଜ ପକ୍ଷରେ ଅନିଷ୍ଟକର, ସେମିତି କେହି କୌଣସି ଗୋଟିଏ ବଡ଼ ଆଦର୍ଶର କଥା କହି ଯଦି ଉନ୍ନତ ରୁଚି ଏବଂ ସଂସ୍କୃତିର ମାନ ପ୍ରତିଫଳିତ ନକରେ, ତା'ହେଲେ ସେଇଟା ମଧ୍ୟ ଠିକ୍ ସେହିଭଳି ସମାଜ ପକ୍ଷରେ କ୍ଷତିକାରକ ଏବଂ ପତନଶୀଳ"।

ତାଙ୍କୁ ବାରମ୍ବାର ଖୁବ୍ ବ୍ୟଥା ଦେଉଥିଲା, ଯେତେବେଳେ ସେ ଦେଖୁଥିଲେ, ଏଦେଶର ଜନଗଣ ଶୋଷଣ ଅତ୍ୟାଚାରରେ ଅତିଷ୍ଠ ହୋଇ ଆଦର୍ଶ ଥାଉ ବା ନଥାଉ, ନେତୃତ୍ୱ ପାଇଥାନ୍ତୁ ବା ନପାଇ ଥାନ୍ତୁ, ଜୟ ପରାଜୟ ଯାହା ବି ହେଉ, ବାରମ୍ବାର ବାରୁଦ ଭଳି ବିକ୍ଷୋଭରେ ଫାଟି ପଡୁଛନ୍ତି, ସର୍ବସ୍ୱ ଦେଉଛନ୍ତି, ଆତ୍ମାହୁତି ଦେଉଛନ୍ତି- ଅଥଚ ଆନ୍ଦୋଳନ ବାରମ୍ବାର ବ୍ୟର୍ଥ ହେଉଛି, ବିପଥଗାମୀ ହେଉଛି ଏବଂ ନିର୍ବାଚନସର୍ବସ୍ୱ ପାର୍ଟିଗୁଡିକ ମଣିଷର କୁର୍‌ବାନିକୁ ସେମାନଙ୍କର ହୀନ ସ୍ୱାର୍ଥରେ ଲଗାଉଛନ୍ତି। ଏହି ଦୁଃଖ ବ୍ୟକ୍ତ କରି ସେ ଦିନେ କହିଥିଲେ, "ଆପଣମାନେ ମନେରଖିବେ, ଭାରତବର୍ଷର ସାଧାରଣ ମଣିଷ କମ୍ ରକ୍ତପାତ କରି ନାହାଁନ୍ତି । ଏକଥା ଯଦି କେହି କହେ ଯେ, ଏ ଦେଶର ମଣିଷ ଲଢ଼ିବା ଜାଣେ ନା, ଏଦେଶର ମଣିଷ ପ୍ରାଣ ଦେବା ଜାଣେ ନା, ପୋଲିସର ବନ୍ଧୁକ ଦେଖିଲେ ଭୟରେ ଥରିଯାଏ ଏବଂ ଗାତରେ ଲୁଚି ରହେ, ତା'ହେଲେ ମୁଁ କହିବି, ମୁଁ ସେମାନଙ୍କ ସହିତ ଏକମତ ନୁହେଁ। ସେମାନେ ଏଦେଶର ଇତିହାସ, ବିଶେଷ କରି ସ୍ୱାଧୀନତା ଆନ୍ଦୋଳନଠାରୁ ଆରମ୍ଭକରି ଦେଶ ସ୍ୱାଧୀନତା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଯେତେ ଆନ୍ଦୋଳନ ଏ ଦେଶରେ ସଂଗଠିତ ହୋଇଛି, ଯେତେ ଆତ୍ମତ୍ୟାଗ ଓ କୁର୍‌ବାନି ହୋଇଛି, ଯେତେ ଅତ୍ୟାଚାର ହୋଇଛି, ଯେତେ ଲାଠି-ଗୁଳି ଚାଲିଛି, ତାର ଇତିହାସ ହୁଏତ ଜାଣନ୍ତି ନାହିଁ, ନତୁବା ଜାଣିଶୁଣି ସେହି ଇତିହାସକୁ ସେମାନେ ବିକୃତ କରୁଛନ୍ତି । ସ୍ୱାଧୀନତା ଆନ୍ଦୋଳନ ସମୟରେ ବୁର୍ଜୁଆଶ୍ରେଣୀ ଜନସାଧାରଣଙ୍କ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନର ପ୍ରବଣତାକୁ ଅସଂଗଠିତ

ଅବସ୍ଥାରେ ରଖି ବିଚ୍ଛିନ୍ନଭାବେ ସେମାନଙ୍କୁ ବ୍ରିଟିଶ ବିରୁଦ୍ଧରେ ଲଢ଼ାଇଛନ୍ତି ଏବଂ ସେହି ଉପରେ ବ୍ରିଟିଶ ସାମ୍ରାଜ୍ୟବାଦ ସହିତ ଦରକଷାକଷି (bargain) କରିବାକୁ ଚାହିଁଛନ୍ତି। ଆଜି ମଧ୍ୟ ବିଭିନ୍ନ ରାଜନୈତିକ ଦଳ, ଯେଉଁମାନେ ଜନତାଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭକୁ କେବଳ ଉସୁକାଇଦିଅନ୍ତି ଏବଂ ତାକୁ ଭିତ୍ତିକରି ଲଢ଼େଇର ମଇଦାନରେ ଜନଗଣଙ୍କୁ ଓହ୍ଲାଇ ଦିଅନ୍ତି ଏବଂ ତାଫଳରେ ପୋଲିସର ଅତ୍ୟାଚାରରେ, ଶାସନଯନ୍ତ୍ରର ଦମନ ପୀଡନରେ ସ୍ୱାଭାବିକ ଭାବରେ ହିଁ ସରକାର ବିରୋଧୀ, ଶାସକ ଦଳ ବିରୋଧୀ ଯେଉଁ ମନୋଭାବ ଏବଂ ଘୃଣା ଜନଗଣଙ୍କ ମଧ୍ୟରେ ବିସ୍ତାର ଲାଭକରେ, ତାକୁ ହିଁ ସେମାନେ କେବଳ ଏକ ରାଜନୈତିକ ଲାଭ (political gain) ବୋଲି ମନେକରନ୍ତି। ଏହା ଦ୍ୱାରା ବିପ୍ଳବ ହେଉ ବା ନ ହେଉ, ଜନସାଧାରଣଙ୍କ ଦୁର୍ଦ୍ଦଶା ପାଇଁ ଦାୟୀ ଏହି ସମାଜ ବ୍ୟବସ୍ଥାର କୌଣସି ଆମୂଳ ପରିବର୍ତ୍ତନ ହେଉ ବା ନହେଉ, ସେଥିରେ ତାଙ୍କର କିଛି ଯାଏ ଆସେ ନା। କିନ୍ତୁ ଏହା ଦ୍ୱାରା ସରକାର ବା ଶାସକ ଦଳ ବିରୁଦ୍ଧରେ ଯେଉଁ ବିକ୍ଷୁବ୍ଧ ମନୋଭାବ ଏବଂ ଘୃଣା ଜନସାଧାରଣଙ୍କ ମଧ୍ୟରେ ଆହୁରି ତୀବ୍ର ଭାବେ ଦେଖାଦିଏ, ତାକୁ ଭିତ୍ତିକରି ଏହି ସମସ୍ତ ଦଳଗୁଡିକ କେହି ବିପ୍ଳବର କଥା କହି, କେହି ସମାଜତନ୍ତ୍ରର କଥା କହି, କେହି ଜନସାଧାରଣଙ୍କ ପାଇଁ କ'ଣ କ'ଣ କରିବେ ତାର ଲମ୍ବା ତାଲିକା ଦେଇ ଏବଂ ଜନସାଧାରଣଙ୍କୁ ଘିଅ ମହୁରେ ଭସାଇ ଦେବାର ପ୍ରତିଶ୍ରୁତି ଭଳି ବଡ଼ ବଡ଼ ପ୍ରତିଜ୍ଞା କରି ଓ ବିଭିନ୍ନ କର୍ମସୂଚୀ ଘୋଷଣା କରି ତଥା ଭାଷଣବାଜୀ କରି ଶେଷପର୍ଯ୍ୟନ୍ତ ନିର୍ବାଚନ ଦିଗରେ ଯାଆନ୍ତି ଏବଂ ସରକାର ଗଠନ କରିବା ପାଇଁ ଚେଷ୍ଟା କରନ୍ତି। ମୁଁ କହେ, ଏ ଯେଉଁ ଦୁଷ୍ଟଚକ୍ର (vicious circle) ଅର୍ଥାତ୍,ଏଯେଉଁ ଲଢ଼େଇ ବାରମ୍ବାର ଦାନା ବାନ୍ଧୁଛି, ବିକ୍ଷୋଭରେ ମଣିଷ ଫାଟି ପଡୁଛି, ଏବଂ ଯେଉଁମାନେ ନିର୍ବାଚନୀ ଦଳ ସେମାନେ ସେହି ବିକ୍ଷୋଭର ସୁଯୋଗ ନେଇ ଇଲେକସନ୍ ରାଜନୀତିରେ ଫାଇଦା ଉଠାଉଛନ୍ତି- ଏହି ଦୁଷ୍ଟଚକ୍ର କବଳରୁ ଗଣ ଆନ୍ଦୋଳନ, ବାମପନ୍ଥୀ ଆନ୍ଦୋଳନ ଏବଂ ଜନଗଣଙ୍କର ବିପ୍ଳବୀ ଆନ୍ଦୋଳନକୁ ମୁକ୍ତ କରିବାର ରାସ୍ତା କ'ଣ"? ଏହି ଦୁଷ୍ଟଚକ୍ର କବଳରୁ ଗଣଆନ୍ଦୋଳନଗୁଡିକୁ ମୁକ୍ତ କରି ସେଗଡ଼ିକୁ ରକ୍ଷା କରିବାକୁ ହେଲେ, ସଫଳ ପରିଣତିରେ ପହଞ୍ଚାଇ ଦେବାକୁ ହେଲେ, କ'ଣ କ'ଣ ଆବଶ୍ୟକ ଏବଂ ତାର logical culmination (ଯୁକ୍ତିସମ୍ମତ ପରିଣତି) କଣ, ତା' ନିର୍ଦ୍ଧାରଣ କରି ସେ କହିଥିଲେ, "ବିପ୍ଳବ ପାଇଁ ତିନୋଟି ସର୍ତ୍ତ ପୂରଣ କରିବା ପ୍ରୟୋଜନ, (୧)

ବିପ୍ଳବର ସଠିକ୍ ରାଜନୈତିକ ଲାଇନ୍, ଦୃଷ୍ଟିଭଙ୍ଗୀ ଏବଂ ଆଦର୍ଶ; (୨) ସଠିକ୍ ବିପ୍ଳବୀ ପାର୍ଟି ଅର୍ଥାତ୍ ଯେଉଁ ପାର୍ଟି ଯଥାର୍ଥରେ ବିପ୍ଳବର ନେତୃତ୍ୱ ଦେଇପାରିବ; (୩) ଜନଗଣଙ୍କର ଐକ୍ୟବଦ୍ଧ ଆନ୍ଦୋଳନର ଶକ୍ତିଶାଳୀ ସଂଗ୍ରାମୀ ଫ୍ରଣ୍ଟ" । ଆହୁରି ମଧ୍ୟ ସେ କହିଛନ୍ତି, ଗଣଆନ୍ଦୋଳନଗୁଡିକୁ ଏଭଳିଭାବେ ପରିଚାଳନା କରିବାକୁ ହେବ ଯଦ୍ୱାରା, "...ସମ୍ପୂର୍ଣ୍ଣ ନିମ୍ନସ୍ତରଠାରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ଜନଗଣଙ୍କର ସଚେତନ, ସଂଘବଦ୍ଧ, ନୈତିକଭାବେ ଉନ୍ନତ, ଉନ୍ନତ ସାଂସ୍କୃତିକ ମାନର ଆଧାରରେ ସଂଗଠିତ ରାଜନୈତିକ ଶକ୍ତିର ଜନ୍ମ ଦିଆଯାଇପାରିବ" ।

ପାର୍ଟି ଗଠନର ପ୍ରଥମ ଯୁଗଠାରୁ ଜୀବନର ଶେଷଦିନ ପର୍ଯ୍ୟନ୍ତ, ଗୋଟିଏ ଦିଗରେ ସେ ଯେମିତି ଶୋଷିତ ଜନଗଣଙ୍କର ମୂଳ ଶତ୍ରୁ ପୁଞ୍ଜିବାଦ ଓ ବୁର୍ଜୁଆ ଦଳଗୁଡିକ ବିରୁଦ୍ଧରେ ତୀବ୍ର ପ୍ରତ୍ୟକ୍ଷ ସଂଗ୍ରାମ ଚଳେଇ ଯାଇଛନ୍ତି, ଅନ୍ୟଦିଗରେ ସେମିତି ବାମପନ୍ଥୀ ଆନ୍ଦୋଳନର ଅଭ୍ୟନ୍ତରରେ ଆନ୍ଦୋଳନକୁ ବିପଥଗାମୀ କରିବା ପାଇଁ ସୋସାଲ ଡେମୋକ୍ରାଟିକ୍ ଶକ୍ତି, ପ୍ରଥମେ ଅବିଭକ୍ତ ସିପିଆଇ ଏବଂ ପରେ ସି.ପି.ଆଇ, ସି.ପି.ଆଇ(ଏମ୍), ସି.ପି.ଆଇ(ଏମ୍.ଏଲ୍)ର ସଂଶୋଧନବାଦ, ସଂସ୍କାରବାଦ, ବାମପନ୍ଥୀ ହଠକାରୀତା ଓ ସୁବିଧାବାଦ ବିରୁଦ୍ଧରେ ଲଢ଼େଇ ଚଳେଇ ଯାଇ ଗଣ ଆନ୍ଦୋଳନଗୁଡିକୁ ସଠିକ୍ ବିପ୍ଳବୀ ଲକ୍ଷ୍ୟରେ ପହଞ୍ଚାଇ ଦେବାପାଇଁ ବିପ୍ଳବୀ ଲାଇନ୍ ଭିତ୍ତିରେ ନିରବଚ୍ଛିନ୍ନ ସଂଗ୍ରାମ କରି ଯାଉଛନ୍ତି । କିନ୍ତୁ ଯୁକ୍ତିରେ, ବକ୍ତବ୍ୟରେ ପରାସ୍ତ ହେଲେ ମଧ୍ୟ ସାଂଗଠନିକ ଶକ୍ତିରେ ସୋସାଲ ଡେମୋକ୍ରାଟ୍‌ମାନେ dominate କରିବା ଫଳରେ ଗଣ ଆନ୍ଦୋଳନଗୁଡିକୁ ଦୁଃଖଦ (tragic) ପରିଣତିରୁ ରକ୍ଷା କରାଯାଇ ପାରି ନାହିଁ । ଫଳରେ କିଭଳିଭାବେ ଏହି ଆନ୍ଦୋଳନଗୁଡିକୁ ରକ୍ଷା କରାଯାଇପାରିବ, ଦଳର ସାଂଗଠନିକ ଶକ୍ତିକୁ କିଭଳିଭାବେ ଆହୁରି ବୃଦ୍ଧି କରାଯାଇ ପାରିବ ସେଥିପାଇଁ ସେ ମରଣପଣ ସଂଗ୍ରାମ କରି ଯାଇଛନ୍ତି । ନାନା ବାଧା ସତ୍ତ୍ୱେ ବି ଦଳ ଏମିତି ହିଁ ବଢ଼ି ଚାଲିଥିଲା; କିନ୍ତୁ ସେ ଚାହିଁଥିଲେ ଅତି ଶୀଘ୍ର ଆହୁରି ଦ୍ରୁତ ଅଗ୍ରଗତି ହେଉ, ନ ହେଲେ ଏହି ଗଣ ଆନ୍ଦୋଳନଗୁଡିକୁ ରକ୍ଷା କରିବା ସମ୍ଭବ ହେବ ନାହିଁ, ବିପ୍ଳବ ହେବ ନାହିଁ, ମଣିଷର ଆତ୍ମାହୁତି, ଆତ୍ମତ୍ୟାଗ ଓ ବଳିଦାନ ବାରମ୍ବାର ବ୍ୟର୍ଥ ହେବ । ଦୀର୍ଘଦିନ ଅମାନୁଷିକ ପରିଶ୍ରମ କରିବା ଫଳରେ, ଗୋଟିଏ ପରେ ଗୋଟିଏ କଠିନ ରୋଗର ଆକ୍ରମଣରେ ତାଙ୍କ ଶରୀର କ୍ରମାଗତ ଭାଙ୍ଗି ପଡୁଥିଲା, ମୃତ୍ୟୁ ବହୁଦିନ ତାଙ୍କ ଚାରିପାଖେ ଘୁରି ବୁଲୁଥିଲା । କିନ୍ତୁ କୌଣସି ଦିନ ଏଥିପ୍ରତି ସେ ଭ୍ରୁକ୍ଷେପ କରିନାହାନ୍ତି । ମୃତ୍ୟୁର

ଶକ୍ତି କଣ ଏହି ମହାନ୍ ବିପ୍ଳବୀଙ୍କର କର୍ମସାଧନାକୁ ସ୍ପର୍ଶ କରିପାରେ ! ଏହିଭଳିଭାବରେ ଲଢ଼େଇ କରୁ କରୁ ୧୯୭୨ ମସିହାରେ ପୁଣି ଥରେ ସେ ମାରାତ୍ମକଭାବେ ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇଥିଲେ, ବଞ୍ଚିବାର କୌଣସି ଆଶା ନଥିଲା । ସେତେବେଳେ ସେ କେଉଁଭଳି ବିପ୍ଳବକୁ ଓ ବିପ୍ଳବୀ ଆନ୍ଦୋଳନକୁ ସଂଗଠିତ କରିବାକୁ ହେବ, ସେସମ୍ପର୍କରେ ଦଳର ନେତା ଓ କର୍ମୀମାନଙ୍କୁ ଶେଷ ନିର୍ଦ୍ଦେଶ ଦେଇଥିଲେ । ଖବର ପାଇ ଦଳ ଦଳ କର୍ମୀ, ସମର୍ଥକ, ଗୁଣମୁଗ୍ଧ ଜନସାଧାରଣ ମାନବ ଜାତିର ଏହି ଅନ୍ୟତମ ଶ୍ରେଷ୍ଠ ସନ୍ତାନଙ୍କୁ ବଞ୍ଚେଇବା ପାଇଁ କିଭଳିଭାବେ ସୁଚିକିତ୍ସା କରାଯିବ, ସେଥି ନିମିତ୍ତ ଯାହାର ଯାହା ସାମର୍ଥ୍ୟ, କିଏ ନିଜର ମାସଯାକର ଦରମା, କିଏ ତା'ର ଜମି ବିକ୍ରି ଟଙ୍କା, ମହିଳା ତାଙ୍କର ଗହଣା ନେଇ ଆସି ଉପସ୍ଥିତ ହେଲେ । କିନ୍ତୁ ଚିକିତ୍ସାରେ ଅର୍ଥ ବ୍ୟୟ କରିବା ପାଇଁ ସେ ଆଉ ରାଜି ହେବାକୁ ଚାହିଁଲେ ନାହିଁ । କାରଣ ସେ ଭାବୁଥିଲେ, ଏ ରୋଗ ତ ଭଲ ହେବନାହିଁ, ତା'ହେଲେ ନିରର୍ଥକ ଏତେ ଅର୍ଥ ବ୍ୟୟ କରି ଲାଭ କଣ ? ଯେଉଁ ଜନସାଧାରଣ ମୋତେ ଭଲପାଇ ଅର୍ଥ ସାହାଯ୍ୟ କରୁଛନ୍ତି, ସେମାନଙ୍କୁ ତ ବିପ୍ଳବୀ ହିସାବରେ ମୁଁ ଆଉ କୌଣସି ସର୍ଭିସ ଦେଇପାରିବି ନାହିଁ । ଏଥିରୁ ବୁଝି ହୁଏ, ଏହି ମହାନ୍ ବିପ୍ଳବୀଙ୍କର ମରିବା, ବଞ୍ଚିବା, ଚିକିତ୍ସାର ପ୍ରଶ୍ନଟି ମଧ୍ୟ କିଭଳି ଭାବରେ ବିପ୍ଳବର ସ୍ୱର ସହିତ ଏକାତ୍ମ ହୋଇଯାଇଥିଲା ।

ସେଥର କୌଣସିମତେ ତାଙ୍କର ଜୀବନ ରକ୍ଷା କରିବା ସମ୍ଭବ ହେଇଥିଲା, ଯଦିଓ ସ୍ୱାସ୍ଥ୍ୟ ଆହୁରି ଭାଙ୍ଗି ପଡିଥିଲା । ଏହି ସମୟରେ ଅର୍ଥାତ୍ ୧୯୭୨ ମସିହାରେ ସମଗ୍ର ଭାରତବର୍ଷରେ ଇନ୍ଦିରା କଂଗ୍ରେସର ଭୟାବହ ସନ୍ତ୍ରାସ ଚାଲିଥିଲା । ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ । ଅନେକେ ହିଁ ସେତେବେଳେ ଭାବିଥିଲେ, ଏଦେଶରେ ବାମପନ୍ଥୀ ଆନ୍ଦୋଳନର ଆଉ ଭବିଷ୍ୟତ ନାହିଁ । ସି.ପି.ଆଇ(ଏମ୍)ର ବୀର ବିପ୍ଳବୀମାନେ ଭୟରେ ଗାତ ଭିତରେ ଯାଇ ଲୁଚିଥିଲେ, ଯେଉଁମାନେ କି ନିଜର ସୁବିଧାବାଦୀ ସ୍ୱାର୍ଥରେ ଦ୍ୱିତୀୟ ଯୁକ୍ତଫ୍ରଣ୍ଟକୁ ଭାଙ୍ଗି ଦେଇଥିଲେ । ସେତେବେଳେ ସେ ରୋଗଶଯ୍ୟାରୁ ଉଠି ୧୯୭୩ ମସିହା ୨୪ ଏପ୍ରିଲ ସଭାରେ ତାଙ୍କର ଐତିହାସିକ ଭାଷଣରେ କହିଥିଲେ, "ମୁଁ ଆପଣମାନଙ୍କୁ କହୁଛି, ମଣିଷ ପୁଣି ସଚେତନ ହେଉଛି । ଖାଇବାକୁ ନ ପାଉଥିବା ଲୋକମାନେ ପୁଣି ଧିରେ ଧିରେ ରାସ୍ତାଘାଟ, ମଇଦାନରେ ଏକତ୍ରିତ ହେବାକୁ ଆରମ୍ଭ କରିଛନ୍ତି । ବାହାରୁ ଯେତେ ଡିଣ୍ଡିମ ପିଟାଗଲେ ବି ଭିତରେ ଭିତରେ ଜନଗଣ କଂଗ୍ରେସ ଠାରୁ ମୋହମୁକ୍ତ ହେଉଛନ୍ତି । ଫଳରେ ଅତୀତରେ ଯେମିତି

ସମ୍ମିଳିତ ସଂଗ୍ରାମ ହୋଇଛି, ବହୁ ରକ୍ତପାତ ହୋଇଛି, ମୁଁ ଦେଖି ପାରୁଛି ନିକଟ ଭବିଷ୍ୟତରେ, ଦୁଇ-ଚାରି ବର୍ଷ ମଧ୍ୟରେ ହିଁ ପୁଣି ଜୋରଦାର ସମ୍ମିଳିତ ଆନ୍ଦୋଳନ ଗଢ଼ି ଉଠିବ । ...କିନ୍ତୁ ଏହି ଐକ୍ୟବଦ୍ଧ ଆନ୍ଦୋଳନର ନେତୃତ୍ୱ ଯଦି ଭୁଲ ପାର୍ଟି, ଅଣମାର୍କ୍ସବାଦୀ ପାର୍ଟି, ଅଣବିପ୍ଳବୀ ପାର୍ଟି ହାତରେ ରହିଯାଏ, ଅର୍ଥାତ୍ ଏହିଭଳି ଦଳଗୁଡ଼ିକ ହାତରେ ରହିଯାଏ, ଯେଉଁମାନେ ବିପ୍ଳବର ନାଁକୁ ବିକି ଭାଙ୍ଗି ଖାଆନ୍ତି, ବିପ୍ଳବ-ବିପ୍ଳବ ନାଁରେ ଖେଳ କରନ୍ତି ଅର୍ଥାତ୍ ଅସମୟରେ ଉଗ୍ର ଆଚରଣ କରି ବିପ୍ଳବର ଶକ୍ତିକୁ ନିଃଶେଷିତ କରିଦିଅନ୍ତି; ଆଉ ନହେଲେ, ବିପ୍ଳବ ବିପ୍ଳବ କହି ସ୍ଲୋଗାନର ଆଢୁଆଳରେ ଶେଷ ପର୍ଯ୍ୟନ୍ତ ସଂସଦୀୟ ରାଜନୀତିର ଗଣ୍ଡି ମଧ୍ୟରେ ଗଣ ଆନ୍ଦୋଳନଗୁଡ଼ିକୁ ଅଟକେଇ ରଖିବାକୁ ଚାହାଁନ୍ତି, ତାହେଲେ ସେହି ଐକ୍ୟବଦ୍ଧ ଆନ୍ଦୋଳନ ସଠିକ୍ ଭାବେ ପରିଚାଳନା କରିବା କୌଣସିମତେ ସମ୍ଭବ ହୋଇପାରିବ ନାହିଁ । ତେଣୁ ଐକ୍ୟବଦ୍ଧ ଆନ୍ଦୋଳନ ଆଜି ଯେତେବେଳେ ପୁନର୍ବାର ଆଗକୁ ବଢ଼ି ଚାଲିଛି, ସେତେବେଳେ ସେହି ଐକ୍ୟବଦ୍ଧ ଆନ୍ଦୋଳନ ଗଢ଼ି ତୋଳିବା ସଙ୍ଗେ ସଙ୍ଗେ ହିଁ ଅତି ଦ୍ରୁତ ଐକ୍ୟବଦ୍ଧ ଆନ୍ଦୋଳନର ନେତୃତ୍ୱ ଦେବାର କ୍ଷମତା ଯେମିତି ଯଥାର୍ଥ ବିପ୍ଳବୀ ଦଳ ଅର୍ଜନ କରିପାରେ, ସେଥିପାଇଁ ବିଭିନ୍ନ ଦଳର ରାଜନୀତି ନେଇ ଆଳାପ ଆଲୋଚନା ଏବଂ ଯୁକ୍ତିତର୍କ ମଧ୍ୟଦେଇ ଦଳ ବିଚାର କରି ଏହି ଐକ୍ୟବଦ୍ଧ ଆନ୍ଦୋଳନଗୁଡ଼ିକ ମଧ୍ୟଦେଇ ସେଇ ଦଳଟିକୁ ଶକ୍ତିଶାଳୀ କରି ଗଢ଼ି ତୋଳିବା ପାଇଁ ସାହାଯ୍ୟ କରିବାକୁ ହେବ”।

କିଛି ଦିନ ପରେ ହିଁ କମ୍ରେଡ ଘୋଷଙ୍କ ଭବିଷ୍ୟତବାଣୀକୁ ସତ୍ୟ ପ୍ରମାଣ କରି ଗୁଜରାଟ ପ୍ରଚଣ୍ଡ ବିକ୍ଷୋଭରେ ଫାଟି ପଡିଲା। ବ୍ୟାପକ ପୁଲିସ ମିଲିଟାରୀ ଅତ୍ୟାଚାର ଚଳେଇ ମଧ୍ୟ ଇନ୍ଦିରା କଂଗ୍ରେସ ଏହି ଆନ୍ଦୋଳନକୁ ଦମନ କରି ପାରୁ ନ ଥିଲା, ହଜାର ହଜାର ଛାତ୍ର ଯୁବକ କାରାବରଣ କରିଥିଲେ । ଶହ ଶହ ପୁଅ, ଝିଅ ପ୍ରାଣ ଦେଲେ; କିନ୍ତୁ ସି.ପି.ଆଇ ସେତେବେଳେ ସିଧାସଳଖ ଇନ୍ଦିରା କଂଗ୍ରେସକୁ ସମର୍ଥନ କରିଥିଲା, ଆଉ ସି.ପି.ଆଇ(ଏମ୍) ମୁହଁରେ ଇନ୍ଦିରା-ବିରୋଧୀ ଭାବ ଦେଖାଇଲେ ମଧ୍ୟ ସୋଭିଏତ ନେତୃତ୍ୱର ଚାପରେ ଏବଂ ନିଜର ସୁବିଧାବାଦୀ ସ୍ୱାର୍ଥରେ ଭିତରେ ଭିତରେ ଇନ୍ଦିରା କଂଗ୍ରେସ ସହିତ ବୁଝାମଣା କରିଚାଲିଥିଲା । ଫଳରେ ସେମାନେ ଆନ୍ଦୋଳନରେ ଓହ୍ଲାଇଲେ ନାହିଁ। ଏହି ଆନ୍ଦୋଳନ ବାମପନ୍ଥୀ ନେତୃତ୍ୱ ପାଇଲା ନାହିଁ। ଏହି ସୁଯୋଗରେ ମୋରାରଜୀ ଦେଶାଇ ଏହି ବିକ୍ଷୋଭକୁ ଶେଷ ପର୍ଯ୍ୟନ୍ତ ନିର୍ବାଚନୀ ଫାଇଦା ହାସଲ କାମରେ ଲଗାଇଲେ। ବିହାରରେ ମଧ୍ୟ ଏକା ଅବସ୍ଥା ।

ଏଠାରେ ଆହୁରି ବ୍ୟାପକ ସଂଗ୍ରାମ ମୁଣ୍ଡ ଟେକିଲା । କିନ୍ତୁ ସି.ପି.ଆଇ, ସି.ପି.ଆଇ(ଏମ୍)ର ଅନୁପସ୍ଥିତିର ସୁଯୋଗରେ ଦକ୍ଷିଣପନ୍ଥୀମାନେ ଏହି ଆନ୍ଦୋଳନକୁ ନିଜ ସ୍ୱାର୍ଥରେ ଅକ୍ତିଆର କରିନେଲେ । ସେତେବେଳେ କମ୍ରେଡ ଘୋଷ ଖୁବ୍ ଅସୁସ୍ଥ, ବ୍ୟଥା ବେଦନାରେ, ଗଭୀର ଉତ୍କଣ୍ଠାରେ ଅସ୍ଥିର ହୋଇ ଉଠୁଛନ୍ତି– ଅସୁସ୍ଥତା ପାଇଁ ନୁହେଁ, ଏଥିପାଇଁ ଯେ, ଏଥର ମଧ୍ୟ ସେହି ଏକା ସର୍ବନାଶ ଘଟିବାକୁ ଯାଉଛି ।ମୃତ୍ୟୁ ପୂର୍ବରୁ ୧୯୭୪ ମସିହା ୨୪ ଏପ୍ରିଲ କଲିକତା ମଇଦାନରେ ତାଙ୍କ ଭାଷଣରେ ଏହି ଚେତାବନୀ ଦେଇଥିଲେ ଯେ, "... ଗୁଜରାଟରେ ଜନସାଧାରଣଙ୍କର ସହିବାର ସୀମା ଅତିକ୍ରମ କରିବା ଫଳରେ ଯେଉଁ ଆନ୍ଦୋଳନରେ ସେମାନେ ଫାଟି ପଡିଲେ, ତା ବେଶୀ ଦୂର ଆଗେଇ ପାରିନାହିଁ । ବିହାରରେ ମଧ୍ୟ ଆନ୍ଦୋଳନ ଆଜି ଯେଉଁ ରାସ୍ତାରେ ଯାଉଛି ଏବଂ ସେଠାରେ ଆନ୍ଦୋଳନର ନେତୃତ୍ୱ କାର୍ଯ୍ୟକାରୀ ଭାବେ ଆଜି ବି ଯେଉଁ ଶକ୍ତିମାନଙ୍କ ହାତରେ ରହିଛି, ତା ଫଳରେ ବିକ୍ଷୋଭ, ଆତ୍ମତ୍ୟାଗ, ଗୁଳି ଖାଇବା, ପ୍ରାଣ ଦେବା, ସରକାରଙ୍କ ଅତ୍ୟାଚାର, ଯାହା କିଛି ବି ଯେଉଁ ପରିମାଣରେ ଘଟୁ ନା କାହିଁକି, ଏହାର ମଧ୍ୟ ପରିଣତି ବେଶୀ ଦୂର ନୁହେଁ । କାରଣ, ବିକ୍ଷୋଭ, ବିସ୍ଫୋରଣ, ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ ଯେତେ ବ୍ୟାପକତା ନେଇ ଗଢ଼ିଉଠୁନା କାହିଁକି, ଅସଂଗଠିତ, ରାଜନୈତିକ ଭାବେ ଅସଚେତନ ଜନତାଙ୍କର କେବଳ ମାତ୍ର ବିକ୍ଷୋଭ ରୂପରେ ଏହି ଆନ୍ଦୋଳନ (agitational form of movement) ବେଶୀ ଦୂର ପର୍ଯ୍ୟନ୍ତ ଆଗେଇ ପାରେ ନା"। କେଉଁଭଳି ଭାବରେ ଏହି ଆନ୍ଦୋଳନକୁ ରକ୍ଷା କରାଯିବ ସେଥିପାଇଁ ଏହି ଅସୁସ୍ଥ ଅବସ୍ଥାରେ ମଧ୍ୟ ସେ ମରଣପଣ ଲଢ଼ିଛନ୍ତି, ରୋଗ ଜର୍ଜରିତ ଶରୀର ନେଇ ରାଜ୍ୟରେ ରାଜ୍ୟରେ ଘୁରିବୁଲିଛନ୍ତି। ଛାତ୍ର–ଶିକ୍ଷକ ସମାବେଶରେ ଯୋଗ ଦେବା ପାଇଁ ସୁଦୂର ଦିଲ୍ଲୀ ଯାଇଛନ୍ତି । ବିହାର–ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନକୁ ଯାଇଛନ୍ତି, ହରିଆଣା, ଓଡିଶା ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାକୁ ମଧ୍ୟ ଯାଇଛନ୍ତି। ଶ୍ରାନ୍ତି ନାହିଁ, କ୍ଳାନ୍ତି ନାହିଁ, ନାହିଁ କୌଣସି ବିରତି, ବାରମ୍ବାର ଆବେଦନ ଜଣାଉଛନ୍ତି ଏହି ଆନ୍ଦୋଳନକୁ ରକ୍ଷା କରିବା ପାଇଁ, ଯେମିତି ତାହାର ନେତୃତ୍ୱ ସଠିକ୍ ବିପ୍ଳବୀ ଆଦର୍ଶ, ବିପ୍ଳବୀ ଲାଇନ୍ ଓ ବିପ୍ଳବୀ ଦଳ ହାତରେ ରହେ, ତା' ନହେଲେ ସର୍ବନାଶ ହେବ, ଦକ୍ଷିଣପନ୍ଥୀମାନେ ନିର୍ବାଚନୀ ସ୍ୱାର୍ଥ ହାସଲ କରିବେ। ବାମପନ୍ଥୀମାନଙ୍କ ପାଖରେ ମଧ୍ୟ ବାରମ୍ବାର ଆବେଦନ ଜଣାଉଥିଲେ, ଯେମିତି ସଠିକ୍ ନୀତିର ଭିତ୍ତିରେ ଐକ୍ୟବଦ୍ଧ ଫ୍ରଣ୍ଟ ଗଠନ କରି ଏହି ଆନ୍ଦୋଳନକୁ ଦକ୍ଷିଣପନ୍ଥୀମାନଙ୍କ ହାତରୁ ରକ୍ଷା କରାଯାଇ ପାରେ । ସି.ପି.ଆଇ

କର୍ଣ୍ଣପାତ ନକରି ସିଧାସଳଖ ଇନ୍ଦିରା ଗାନ୍ଧୀଙ୍କୁ ସମର୍ଥନ କରି ଚାଲିଲା ଏବଂ ସି.ପି.ଆଇ(ଏମ୍) ଆନ୍ଦୋଳନରେ ନ ଓହ୍ଲାଇବାର ଆଳ ହିସାବରେ ଯୁକ୍ତି ଦେଇଥିଲା, ଦକ୍ଷିଣପନ୍ଥୀମାନେ ଆନ୍ଦୋଳନରେ ଅଛନ୍ତି, ତେଣୁ ସେମାନେ ଏ ଆନ୍ଦୋଳନରେ ରହିବେ ନାହିଁ । ଅଥଚ, ପରବର୍ତ୍ତୀ ସମୟରେ ୧୯୭୭ମସିହା ନିର୍ବାଚନରେ ଏହି ଦକ୍ଷିଣପନ୍ଥୀମାନଙ୍କ ସହିତ ସେମାନେ ହାତ ମିଳେଇଥିଲେ । ସେହି ସମୟରେ ପଶ୍ଚିମବଙ୍ଗରେ ନଅ ପାର୍ଟିର ମୋର୍ଚ୍ଚା ଥିଲା, ଯେଉଁଥିରେ ସି.ପି.ଆଇ(ଏମ୍), ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ), ଆର୍.ଏସ୍.ପି, ଫରୱାର୍ଡ ବ୍ଲକ୍ ଆଦି ଦଳମାନେ ଥିଲେ। କମ୍ରେଡ ଘୋଷଙ୍କ ନିର୍ଦ୍ଦେଶରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ନଅ ପାର୍ଟି ମୋର୍ଚ୍ଚାରେ ଇନ୍ଦିରା ସରକାର ବିରୁଦ୍ଧରେ ଆନ୍ଦୋଳନର କର୍ମସୂଚୀ ଉପସ୍ଥାପନ କରାହୁଏ, ଯାହାର ଉଦ୍ଦେଶ୍ୟଥିଲା, ଗୋଟିଏ ପଟରେ ପଶ୍ଚିମବଙ୍ଗରେ ଶିଥିଳ ହେଇଯାଇଥିବା, ଦୁର୍ବଳ ହୋଇଯାଇଥିବା ବାମପନ୍ଥୀ ଆନ୍ଦୋଳନ ପୁନର୍ବାର ଜାଗିବ ଏବଂ ଅନ୍ୟଦିଗରେ ପଶ୍ଚିମବଙ୍ଗରେ ବାମପନ୍ଥୀ ଆନ୍ଦୋଳନର ଝଣ୍ଡା ଉର୍ଦ୍ଧ୍ୱୋତ୍ତୋଳିତ କରିପାରିଲେ ସମଗ୍ର ଭାରତବର୍ଷରେ, ବିଶେଷତଃ ଉତ୍ତର ଭାରତରେ ତାର ପ୍ରଭାବ ପଡିବ । କିନ୍ତୁ ସି.ପି.ଆଇ(ଏମ୍) ଏଥିରେ ରାଜି ହେଲାନାହିଁ। ସେମାନଙ୍କର ନେତା ଜ୍ୟୋତିବାବୁ କହିଲେ, 'ପଶ୍ଚିମବଙ୍ଗରେ ଏବେ କଂଗ୍ରେସୀ ଗୁଣ୍ଡାମାନଙ୍କର ସନ୍ତ୍ରାସ ଚାଲିଛି, ପୁଲିସ ସନ୍ତ୍ରାସ ଚାଲିଛି । ତେଣୁ ଏବେ ଆନ୍ଦୋଳନ କଲେ ସେମାନେ ମାରିବେ'। କମ୍ରେଡ ଘୋଷ ଏକଥା ଶୁଣି ଥଟ୍ଟା କରି କହିଥିଲେ, "ସେମାନେ ସେଦିନ ହିଁ ବିପ୍ଳବ କରିବେ ଯେଉଁ ଦିନ ପୋଲିସ ସେମାନଙ୍କୁ ବାଧାଦେବ ନାହିଁ, ଗୁଣ୍ଡାମାନେ ଗୁଣ୍ଡାମୀ କରିବେ ନାହିଁ, କେହି ସେମାନଙ୍କୁ ବାଧାଦେବାକୁ ଆସିବେ ନାହିଁ। ଏହିଭଳି କେଉଁ ଦେଶରେ କେବେ ବିପ୍ଳବ ହୋଇଛି ? ଅସଲରେ ସେମାନେ ତାଙ୍କ ଦଳର କର୍ମୀମାନଙ୍କୁ ପୋଲିସର ପୃଷ୍ଠପୋଷକତାରେ କାପୁରୁଷ ବନେଇ ଦେଇଛନ୍ତି। ତେଣୁ ସେମାନେ ଚାହାଁନ୍ତି, ପୁନର୍ବାର ସରକାରୀ ଗାଦିକୁ ଆସିଲେ ପୋଲିସ ଯଦି ପଛରେ ଥାଏ, ଅଥବା ଏଭଳି ଆଶ୍ୱାସନା ଯଦି ସେମାନେ କେବେ ପାଆନ୍ତି ଯେ ରାଷ୍ଟ୍ରଶକ୍ତି ବା ପୋଲିସ ସେମାନଙ୍କ ଉପରେ ସେଭଳି ଆକ୍ରମଣ ଚଳେଇବ ନାହିଁ ତା'ହେଲେ ସେମାନେ ପୁଣି ବୀରତ୍ୱ ପ୍ରଦର୍ଶନ କରିବେ"। ସେ କହିଥିଲେ, "ମୁଁ ସହଜ କଥାଟା ବୁଝେ ଯେ, ବିପ୍ଳବୀ ଆନ୍ଦୋଳନ ଓ ଲଢ଼େଇ ଯେଉଁମାନେ ଗଢ଼ି ତୋଳନ୍ତି, ଅନ୍ୟାୟ ବିରୁଦ୍ଧରେ ଯେଉଁମାନେ ଲଢ଼େଇ ଆରମ୍ଭ କରନ୍ତି, ପ୍ରଥମେ ସେମାନଙ୍କୁ ବେଶୀ ଦେବାକୁ ହୁଏ, ମରିବାକୁ

ପଡେ, ଅଧିକ ତ୍ୟାଗ କରିବାକୁ ହୁଏ। 'କେବଳ ମାରିବ, ସେଥିପାଇଁ ଲଢ଼ିବ, ମାରି ନପାରିଲେ ଦୌଡ଼ି ପଳେଇବ,' ଏହି ମନୋଭାବରୁ ସେମାନେ ଲଢ଼େଇ ଆରମ୍ଭ କରି ପାରନ୍ତି ନାହିଁ। ଦରକାର ହେଲେ ମରିବା ପାଇଁ ପ୍ରସ୍ତୁତ ହୋଇ ହିଁ ସେମାନେ ଲଢ଼େଇ କରିବାକୁ ଆସନ୍ତି। ସେମାନଙ୍କର ମନୋଭାବ ଥାଏ, ସେମାନେ ମରିବେ, ତଥାପି ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବେ, କିନ୍ତୁ ସେମାନେ ଲଢ଼େଇ ଛାଡ଼ିବେ ନାହିଁ। ଏହି ମାନସିକତା ଭିତ୍ତିରେ ହିଁ ସବୁ ଦେଶରେ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ ଏବଂ ବିପ୍ଳବୀ ଆନ୍ଦୋଳନର କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏହିଭଳି ଭାବେ ଗୋଟିଏ ଗୋଟିଏ ଇଟା ଯୋଡି ବିପ୍ଳବୀମାନେ ବିପ୍ଳବର ଭିତ୍ତି ସ୍ଥାପନ କରିଛନ୍ତି, ତେବେ ଯାଇ ବିପ୍ଳବ ହୋଇଛି"।

ପଶ୍ଚିମବଙ୍ଗରେ ଏହି ସମୟରେ କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷାରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଚାହିଁଥିଲା ଇନ୍ଦିରା ସରକାର ବିରୁଦ୍ଧରେ ଯୁକ୍ତ ଆନ୍ଦୋଳନ, କିନ୍ତୁ ସି.ପି.ଆଇ(ଏମ୍) ନାନା ଦ୍ୱାହି- ଅଜୁର ଆପତ୍ତି ଦେଖାଇ ଏଡେଇ ଯିବାକୁ ଚାହିଁଥିଲା। ସେମାନେ ରାଜନୀତି ନାଁରେ ଯେତେ ସୁବିଧାବାଦର ଚର୍ଚ୍ଚା କରନ୍ତୁ ନା କାହିଁକି, ତା' ବିରୁଦ୍ଧରେ କୌଣସି ପ୍ରଶ୍ନ କରିବା ଚଳିବନି- ସି.ପି.ଆଇ(ଏମ୍) ଏହିସବୁ ପ୍ରଶ ଉଠାଇ ନଅ ପାର୍ଟିର ଐକ୍ୟ ଭାଙ୍ଗି ଦେଲା ଏବଂ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ବିରୁଦ୍ଧରେ ତୀବ୍ର କୁତ୍ସା, ଅପପ୍ରଚାର ଓ ଆକ୍ରମଣ ଚଳେଇଲା। କମ୍ରେଡ୍ ଘୋଷ ଯେତେବେଳେ ଦେଖିଲେ ଯେ, ଏହି ଦଳର ଆନ୍ଦୋଳନ ବିମୁଖତା ଯୋଗୁ କୌଣସମତେ ହିଁ ଯୁକ୍ତ ଆନ୍ଦୋଳନ ଗଢ଼ି ହେବ ନାହିଁ, ସେତେବେଳେ ସେ ସିଦ୍ଧାନ୍ତ ନେଲେ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଏକକ ଉଦ୍ୟୋଗରେ ହିଁ ପଶ୍ଚିମବଙ୍ଗରେ ବାମପନ୍ଥୀ ଗଣ ଆନ୍ଦୋଳନ ଗଢ଼ି ତୋଳିବେ। ଏହି ଉଦ୍ଦେଶ୍ୟରେ ହିଁ ୧୯୭୫ ମସିହା ଜୁନ୍ ୨୦, ୨୧, ୨୨ତାରିଖରେ ସିଉଡି ଠାରେ ଆହୁତ ହୁଏ ଐତିହାସିକ ଯୁବ ସମ୍ମିଳନୀ। ଏହି ସମ୍ମିଳନୀକୁ ପଣ୍ଡ କରିବା ପାଇଁ ଇନ୍ଦିରା କଂଗ୍ରେସ ଓ ସି.ପି.ଆଇ(ଏମ୍), ଉଭୟ ହିଁ ହାତ ମିଳେଇଥିଲେ। ଗୋଟିଏ ଦିଗରେ ଇନ୍ଦିରା କଂଗ୍ରେସ ସିଧାସଳଖ ସନ୍ତ୍ରାସ ଓ ଭୟ ଦେଖାଉଥିଲା। ଅନ୍ୟଦିଗରେ ସି.ପି.ଆଇ(ଏମ୍) ବିଭିନ୍ନ ଷଡଯନ୍ତ୍ର କରି ବ୍ୟର୍ଥ ହେବା ପରେ ଆଉ କିଛି କରି ନ ପାରି ସେମାନଙ୍କ ଦ୍ୱାରା ଡକାଯାଇଥିବା ୧୮ଜୁନ୍ର 'ବଙ୍ଗଳା ବନ୍ଦ'କୁ ଗଙ୍ଗାପୂଜାର ବାହାନା ଦେଖାଇ ୨୦ ଜୁନ୍କୁ ଘୁଞ୍ଚାଇଦେଲେ, ଯେଉଁ ଗଙ୍ଗାପୂଜାର କଥା ପଶ୍ଚିମବଙ୍ଗର ଲୋକ କେହି ଜାଣନ୍ତି ନାହିଁ।

ଗୋଟିଏ ଦିଗରେ ଏମାନଙ୍କର ଏହିସବୁ ଷଡଯନ୍ତ୍ର ଏବଂ ଅନ୍ୟଦିଗରେ ଠିକ୍ ସେହି ସମୟରେ ପ୍ରବଳ ପ୍ରାକୃତିକ ଦୁର୍ଯୋଗ ମଧ୍ୟରେ ବି ପଶ୍ଚିମବଙ୍ଗର ସମସ୍ତ ଜିଲ୍ଲାରୁ ହଜାର ହଜାର ଯୁବ ପ୍ରତିନିଧି ଉପସ୍ଥିତ ହୋଇଥିଲେ । ସେମାନଙ୍କ ନିକଟରେ କମ୍ରେଡ ଶିବଦାସ ଘୋଷ ସଠିକ୍ ବିପ୍ଳବୀ ରାଜନୈତିକ ଲାଇନ୍ ଭିତ୍ତିରେ ଗଣ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଦାୟିତ୍ୱ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ପ୍ରକାଶ୍ୟ ଅଧିବେଶନର ଭାଷଣରେ ଶେଷ ଭାଗରେ ଫାସିବାଦର ବିପଦ ସମ୍ପର୍କରେ ଚେତାବନୀ ଦେଇ ପଶ୍ଚିମବଙ୍ଗର ଯୁବ ଶକ୍ତିକୁ ଉଦ୍ଦେଶ୍ୟ କରି କହିଥିଲେ, "ଦିନେ ଭାରତବର୍ଷର ଜନଗଣ କହୁଥିଲେ, ବଙ୍ଗଳାର ଯୁବକମାନେ ଭାରତକୁ ରାସ୍ତା ଦେଖାନ୍ତି । ଆଜି ପ୍ରଶ୍ନ ଉଠୁଛି, ସେହି ବଙ୍ଗଳାର ଯୁବକମାନେ କ'ଣ ଭାରତକୁ ଫାସିବାଦର ରାସ୍ତା ଦେଖାଇବେ ? ନା, ଫାସିବାଦ ବିରୁଦ୍ଧରେ ଭାରତବର୍ଷକୁ ସମାଜତାନ୍ତ୍ରିକ ବିପ୍ଳବର ରାସ୍ତା ଦେଖାଇବେ ? ଏହି କଥାଟି ଯୁବକମାନଙ୍କ ନିକଟରେ ଆପଣମାନେ ପହଞ୍ଚେଇ ଦେବେ" । ଏହି ସମ୍ମିଳନୀ ଯେଉଁଠି ସେ ଫାସିବାଦର ବିପଦ ସମ୍ପର୍କରେ ଦେଶକୁ, ଜାତିକୁ, ଯୁବ ସମ୍ପ୍ରଦାୟକୁ ଚେତାବନୀ ଦେଇଥିଲେ, ତା'ର କେତେଦିନ ପରେ ହିଁ ଇନ୍ଦିରା କଂଗ୍ରେସ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲା । ସେତେବେଳେ ସେ ଆହୁରି ଅସୁସ୍ଥ, ସମ୍ପୂର୍ଣ୍ଣ ଶଯ୍ୟାଶାୟୀ । କିନ୍ତୁ ସେତେବେଳେ ମଧ୍ୟ ଅକ୍ଳାନ୍ତ ପରିଶ୍ରମ କରି ଯାଇଛନ୍ତି, ବିଭିନ୍ନ ରାଜ୍ୟର, ବିଭିନ୍ନ ଜିଲ୍ଲାର ନେତା ଓ ସଂଗଠକମାନଙ୍କୁ କଲିକତା ଡାକିଛନ୍ତି, ଦିନ ପରେ ଦିନ ମିଟିଂ କରିଛନ୍ତି, ବାରମ୍ବାର ଗାଇଡ୍ କରିଛନ୍ତି କିଭଳି ଜରୁରୀକାଳୀନ ପରିସ୍ଥିତି ବିରୁଦ୍ଧରେ ଜନମତ ଗଢ଼ି ତୋଳିବାକୁ ହେବ । ଆଉ କହିଥିଲେ, 'ଏହି emergency (ଜରୁରୀ ପରିସ୍ଥିତି) ଦୁଇ-ତିନି ବର୍ଷରୁ ବେଶୀ ରହିବ ନାହିଁ । ପୁଣି ଆସିବ ଗଣ ଆନ୍ଦୋଳନର ଢ଼େଉ । ସେଦିନ କିନ୍ତୁ ନକଲି ବାମପନ୍ଥୀ ସି.ପି.ଆଇ(ଏମ୍), ସି.ପି.ଆଇ ଏହି ଗଣ ଆନ୍ଦୋଳନରେ ରହିବେ ନାହିଁ, ବରଂ ଚେଷ୍ଟା କରିବେ କେଉଁଭଳିଭାବେ ସଂକଟଗ୍ରସ୍ତ ପୁଞ୍ଜିବାଦକୁ ଏହି ଆନ୍ଦୋଳନର ଆଘାତରୁ ରକ୍ଷା କରାଯାଇ ପାରିବ । ତୁମମାନଙ୍କୁ ଏକକ ଭାବରେ ହିଁ ଆନ୍ଦୋଳନ ଗଢ଼ି ତୋଳିବାର ଦାୟିତ୍ୱ ନେବାକୁ ହେବ । ସେଥିପାଇଁ ରାଜନୀତିଗତ ଦିଗରୁ, ଚରିତ୍ରଗତ ଦିଗରୁ, ସଂଗଠନଗତ ଦିଗରୁ ପ୍ରସ୍ତୁତ ହୁଅ' । ମୃତ୍ୟୁର ୧୫ଦିନ ପୂର୍ବରୁ ତାଙ୍କର ଶେଷ ବୈଠକ । ସେଦିନ ଆହୁରି ଅସୁସ୍ଥ । ଡାକ୍ତରମାନେ ବୁଝାଉଛନ୍ତି, ଅନ୍ତତଃ ଆଜି ବିଶ୍ରାମ ନିଅନ୍ତୁ । ଏହି ମହାନ୍ ବିପ୍ଳବୀ ସେଦିନ ଯା' ଉତ୍ତର ଦେଇଥିଲେ, ତା' ଦେଶେ ଦେଶେ ସବୁ ଯୁଗର

ବିପ୍ଳବୀମାନଙ୍କ ନିକଟରେ ପ୍ରେରଣାର ଉତ୍ସ ହୋଇରହିବ । ସେ କହିଥିଲେ, 'ମୁଁ ବିପ୍ଳବୀ । ବିପ୍ଳବର କାମ ବନ୍ଦ କରି ମୁଁ ବଞ୍ଚି ରହିପାରେନା। I exist, I live, I breathe for revolution'।

ଆଜି ଯେତେବେଳେ ୫ ଅଗଷ୍ଟ ଆସେ, ମଝିରେ ମଝିରେ ଏକଥା ମନେପଡ଼ି ଆଖିରୁ ଲୁହ ଝରିପଡ଼େ, କ୍ଷଣିକ ପାଇଁ ହେଲେ ମଧ୍ୟ ମନରେ ଭାବନା ଆସେ, ସେଦିନ ଯଦି ସେ ଏଭଳିଭାବେ କହିନଥାନ୍ତେ, ଏହିଭଳି ଭାବିନଥାନ୍ତେ, ଯଦି ମଝିରେ ମଝିରେ ବିଶ୍ରାମ ନେଇ ପାରିଥାନ୍ତେ, ତା'ହେଲେ ୫ ଅଗଷ୍ଟ ଆମ ଜୀବନରେ ଏହି ବ୍ୟଥା ନେଇ ହୁଏତ ଏତେ ଶୀଘ୍ର ଆସି ନଥାନ୍ତା । ପୁଣି ପରମୁହୂର୍ତ୍ତରେ ହିଁ ସମ୍ବିତ୍ ଫେରିଆସେ, ଏହିଭଳି ଭାବରେ କହି ପାରିଥିଲେ ବୋଲି, ଏହିଭଳି ବିପ୍ଳବ ସହିତ ନିଜକୁ ଏକାତ୍ମ କରିପାରିଥିଲେ ବୋଲି ହିଁ ସେ ଏତେ ବଡ ମହାନ୍ ବିପ୍ଳବୀ। ଯେଉଁ ସ୍ୱପ୍ନ ନେଇ ସେ ଦିନେ ଘର ଛାଡ଼ି ବାହାରି ଆସିଥିଲେ, ଏ ଦେଶର କୋଟି କୋଟି ଶୋଷିତ ଜନଗଣଙ୍କୁ ଶୋଷଣରୁ ମୁକ୍ତ କରିବେ, ସେଥିପାଇଁ ସାରାଜୀବନ ସଂଗ୍ରାମ କରି ଯାଇଛନ୍ତି, କିନ୍ତୁ ସେ ସ୍ୱପ୍ନ ସେତେବେଳେ ମଧ୍ୟ ଅସମ୍ପୂର୍ଣ୍ଣ ରହିଯାଇଛି। ଏବଂ ଅନ୍ୟ ଦିଗରେ ଦେଖିଥିଲେ, ସମଗ୍ର ସମାଜ-ସଭ୍ୟତା ସଂକଟଗ୍ରସ୍ତ, ଅର୍ଥନୀତି-ରାଜନୀତି-ସଂସ୍କୃତି ସବୁକିଛି ଭାଙ୍ଗି ପଡିଛି, ଧସେଇ ପଡିଛି, ମାତୃତ୍ୱ-ପିତୃତ୍ୱ-ନାରୀତ୍ୱ ଲାଞ୍ଛିତ, ଅବମାନିତ, ସମଗ୍ର ସମାଜ ମୁକ୍ତି ବେଦନାରେ ଛଟପଟ କରୁଛି । ଅନ୍ୟଦିଗରେ ବାରମ୍ବାର ଗଣଆନ୍ଦୋଳନ ଆସୁଛି ଆଉ ବିପଥଗାମୀ ହୋଇଯାଉଛି। ଗଭୀର ଦୁଃଖରେ ସେ ଦିନେ କହିଥିଲେ, "...ସମାଜରେ ଶ୍ରମିକ-ଋଷୀ-ଶୋଷିତ ମଣିଷର ବିକ୍ଷୋଭକୁ କେନ୍ଦ୍ରକରି ବିପ୍ଳବର ଉତ୍ତାଳ ତରଙ୍ଗ ବାରମ୍ବାର ଫୁଲି ଫୁଲି ଆସିବ, ଫାଟି ପଡିବାକୁ ଋହିଁବ। ସମାଜ ଅଭ୍ୟନ୍ତରରେ ଦ୍ୱନ୍ଦ୍ୱ ଫୁଲି ଉଠି ବାରମ୍ବାର କହିବାକୁ ଋହିଁବ- ଏହି ଅବସ୍ଥାର ଆମୂଳ ପରିବର୍ତ୍ତନ ଦରକାର; ମଣିଷର ମଗଜ ନିକଟରେ, ମଣିଷର ବିବେକ ନିକଟରେ ସେ ଆବେଦନ କରିବାକୁ ଚାହିଁବ, ମୁଁ ବିପ୍ଳବ ଋହେଁ । କିନ୍ତୁ ବିପ୍ଳବ ସେତେଦିନ ପର୍ଯ୍ୟନ୍ତ ହେବ ନାହିଁ, ବାରମ୍ବାର ସେ ଫେରିଯିବ, ବିପଥଗାମୀ ହୋଇ ଫେରିଯିବ, ବାରମ୍ବାର ତାଦ୍ୱାରା ପ୍ରତିକ୍ରିୟାଶୀଳ ଶକ୍ତି ଲାଭବାନ ହେବ- ବିପ୍ଳବ ହେବ ନାହିଁ, ଯେତେ ଦିନ ଯାଏ ବିପ୍ଳବର ନେତୃତ୍ୱ ଦେବା ପାଇଁ ଉପଯୁକ୍ତ ଶକ୍ତି ନେଇ ବିପ୍ଳବୀ ପାର୍ଟିର ଆବିର୍ଭାବ ନହୋଇଛି।" ଏହି ବିପ୍ଳବୀ ଦଳ ସେ ଗଢ଼ିଛନ୍ତି, ହଜାର ହଜାର ନେତା ଓ କର୍ମୀଙ୍କୁ ସେ ଗଢ଼ି ତୋଳିଛନ୍ତି। ସେ ଋହିଁଥିଲେ, ଆହୁରି ଦ୍ରୁତ ଅଗ୍ରଗତି । ତେଣୁ ତାଙ୍କର

ବିଶ୍ରାମ ନେବା ଚଳିବନି । ମନେପଡେ, ତାଙ୍କର ମୃତ୍ୟୁ ସମୟରେ ମଧ୍ୟ ଯେତେବେଳେ ବାରମ୍ବାର ହୃଦଘାତ ହେଉଥିଲା; ସେତେବେଳେ ତାଙ୍କର ମୃତ୍ୟୁଜନିତ କୌଣସି ବ୍ୟଥା ନଥିଲା । ମୃତ୍ୟୁ ଏହି ମହାନ ବିପ୍ଳବୀଙ୍କ ପାଖରେ ପରାସ୍ତ ହୋଇଥିଲା । ମାତ୍ର ଗୋଟିଏ ବ୍ୟଥା ଥିଲା, ତାଙ୍କର ସ୍ୱପ୍ନ ଅସମ୍ପୂର୍ଣ୍ଣ ରହିଯାଇଛି । ଯେତେବେଳ ଯାଏ କଥା କହିପାରିଛନ୍ତି, ବାରମ୍ବାର ଶେଷ ନିର୍ଦ୍ଦେଶ ଦେଇଯାଇଛନ୍ତି । ଯେତେବେଳେ କଣ୍ଠସ୍ୱର ସ୍ତବ୍ଧ ହୋଇଗଲା, ଯେଉଁ କଣ୍ଠସ୍ୱର ବିପ୍ଳବୀଙ୍କୁ, ଜନଗଣଙ୍କୁ ମନୁଷ୍ୟତ୍ୱର ସନ୍ଧାନ ଦେଇଥିଲା, ସେହି କଣ୍ଠସ୍ୱର ରୁଦ୍ଧ ହୋଇଗଲା, ସେତେବେଳେ ସତେ ଯେମିତ ତାଙ୍କର ସେହି ଆବେଗପୂର୍ଣ୍ଣ ଅପଲକ ଚକ୍ଷୁର ସ୍ଥିର ଚାହାଣି ଏହି ଅସମ୍ପୂର୍ଣ୍ଣ ସ୍ୱପ୍ନ, ଭାରତବର୍ଷରେ ସମାଜତାନ୍ତ୍ରିକ ବିପ୍ଳବ ସଫଳ କରିବାର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତ ନେତା, କର୍ମୀ ଓ ଜନଗଣ ତଥା ସମଗ୍ର ମାନବଜାତି ନିକଟରେ ଶେଷ ଆବେଦନ ଜଣାଉଥିଲା । ଏହି ଆବେଦନକୁ ହୃଦୟରେ ବହନ କରି ଆମମାନଙ୍କୁ ସାରା ଜୀବନ ଚାଲିବାକୁ ହେବ; ଏହି ଆବେଦନକୁ ମୂଲ୍ୟ ଦେବା ମଧ୍ୟରେ ହିଁ ରହିଛି ଆମ ଜୀବନର ଶ୍ରେଷ୍ଠ ମୂଲ୍ୟବୋଧ ।

ଆଜି କମ୍ରେଡ ଶିବଦାସ ଘୋଷଙ୍କ ସୁଯୋଗ୍ୟ ସହଯୋଦ୍ଧା ଓ ଅନୁଗାମୀ କମ୍ରେଡ୍ ନୀହାର ମୁଖାର୍ଜୀଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ରୀୟ କମିଟିର ଆହ୍ୱାନକ୍ରମେ କମ୍ରେଡ ଶିବଦାସ ଘୋଷଙ୍କ ନିର୍ଦ୍ଧାରିତ ସର୍ବହରା ବିପ୍ଳବୀ ରାଜନୈତିକ ଲାଇନ୍ ଭିତ୍ତିରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ବିଭିନ୍ନ ରାଜ୍ୟରେ ଗଣ ଆନ୍ଦୋଳନର ଜୁଆର ଗଢ଼ି ତୋଳୁଛି, ଯେଉଁ ଆନ୍ଦୋଳନ ପଶ୍ଚିମବଙ୍ଗରେ ୧୯୭୯ ମସିହା ଜୁନ୍ ୧୫ ତାରିଖ ଦିନ ଐତିହାସିକ ଗଣ ଆଇନ୍-ଅମାନ୍ୟ ଆନ୍ଦୋଳନ ଜରିଆରେ ଆରମ୍ଭ ହୋଇଥିଲା । ଏହାପରେ ବିହାର, ଉତ୍ତରପ୍ରଦେଶ, ହରିୟାଣା, ଓଡିଶା ଓ ଦକ୍ଷିଣ ଭାରତରେ ଏହି ଆନ୍ଦୋଳନ ବିସ୍ତାରଲାଭ କଲା । ପାର୍ଟି ନେତୃତ୍ୱରେ ହଜାର ହଜାର ଶ୍ରମିକ-କୃଷକ-ଛାତ୍ର-ଯୁବକ ରକ୍ତ ଦେଇ, ଜୀବନ ଦେଇ ଯେଉଁ ଆନ୍ଦୋଳନ ଗଢ଼ି ତୋଳିଲେ, ଯେଉଁ ଆନ୍ଦୋଳନର ଢ଼େଉ ୧୯୮୦ମସିହା ନଭେମ୍ବର ୪ ତାରିଖ ଦିନ ଦିଲ୍ଲୀର ରାଜପଥରେ ଉତ୍ତାଳ ତରଙ୍ଗ ସୃଷ୍ଟି କଲା, ଯାହା ଆଜି ମଧ୍ୟ ଦିଲ୍ଲୀରେ ଆଲୋଚ୍ୟ ବିଷୟ ହୋଇ ରହିଛି । ଯେମିତି ୧୫ ଜୁନ୍‌ର ଆନ୍ଦୋଳନର ବିଶାଳତା, ଶୃଙ୍ଖଳା, ଚରିତ୍ର ଓ ବୀରତ୍ୱର କଥା ଲୋକକଥା ଭଳି କଲିକତା ତଥା ପଶ୍ଚିମବଙ୍ଗର କୋଣେ ଅନୁକୋଣେ ଖେଳେଇ ଯାଇଥିଲା, ସେହିଭଳି ଦିଲ୍ଲୀରେ ମଧ୍ୟ ନଭେମ୍ବର ୪ତାରିଖ ଦିନ ଆନ୍ଦୋଳନର ସ୍ୱର ମଧ୍ୟ ଖେଳେଇ ଗଲା । ଅନେକ ମିଟିଂ, ଶୋଭାଯାତ୍ରା ଦେଖିଛି, କିନ୍ତୁ ଏତେ ଶୃଙ୍ଖଳା,

ଏତେ ନିଷ୍ଠା ଏହା ପୂର୍ବରୁ କେବେ ବି ମୁଁ ଦେଖିନାହିଁ। ଗଣଆନ୍ଦୋଳନର ଏହି ଜୟଯାତ୍ରାର ସାର୍ଥକ ପରିଣତି ହେଉଛି ପଶ୍ଚିମବଙ୍ଗର ଭାଷା-ଆନ୍ଦୋଳନ, ଯା' ଏରାଜ୍ୟର ଗାଁ, ସହରରେ ଘରେ ଘରେ ଉତ୍ତାଳ ତରଙ୍ଗ ସୃଷ୍ଟି କରିଛି, ଲକ୍ଷ ଲକ୍ଷ ଛାତ୍ର-ଶିକ୍ଷକ, କୃଷକ-ଶ୍ରମିକଙ୍କ ସର୍ବାତ୍ମକ ସମର୍ଥନ ଫଳରେ ସମସ୍ତ ଅପପ୍ରଚାର ଓ ଆକ୍ରମଣ ସତ୍ତ୍ୱେ ବି ଇନ୍ଦିରା କଂଗ୍ରେସ ପରିକଳ୍ପିତ ଓ ବାମଫ୍ରଣ୍ଟ ଦ୍ୱାରା ରୂପାୟିତ ଭାଷାନୀତି କାର୍ଯ୍ୟକାରୀ ହୋଇପାରି ନାହିଁ । ମନେରଖିବାକୁ ହେବ, ଆମର ପ୍ରୟାତ ମହାନ୍ ନେତାଙ୍କ ଅପୂରିତ ସ୍ୱପ୍ନକୁ ସାକାର କରିବାର ଉଦ୍ଦେଶ୍ୟକୁ ସାମନାରେ ରଖି ହିଁ ସର୍ବହରା ବିପ୍ଳବୀ ରାଜନୈତିକ ଲାଇନ୍ ଭିତ୍ତିରେ ଗଣଆନ୍ଦୋଳନ ଗଢ଼ି ତୋଳି ଅତି ଦ୍ରୁତ ବିପ୍ଳବ ସଫଳ କରିବା ପାଇଁ ସେ ଯେଉଁ ଆହ୍ୱାନ ରଖିଥିଲେ, ତା'ରି ଭିତ୍ତିରେ ହିଁ ଏହି ଆନ୍ଦୋଳନଗୁଡ଼ିକ ଗଢ଼ି ଉଠିଛି । ସେ ଚାହିଁଥିଲେ, ଦଳର ଦ୍ରୁତ ଅଗ୍ରଗତି, ଦଳ ନେତୃତ୍ୱରେ ଗଣଆନ୍ଦୋଳନର ସମ୍ପ୍ରସାରଣ, ଉନ୍ନତ ନୀତି-ନୈତିକତା ଆଧାରରେ ଜନଗଣଙ୍କର ବିପ୍ଳବୀ ରାଜନୈତିକ ଶକ୍ତିର ଜନ୍ମ। ଏଗୁଡ଼ିକୁ ସଫଳ କରିବା ପାଇଁ ଆଜି ତାଙ୍କର ମହାନ୍ ବୈପ୍ଳବିକ ଚିନ୍ତାଧାରକୁ ହତିଆର କରି କମ୍ରେଡ୍ ନୀହାର ମୁଖାର୍ଜୀଙ୍କ ନେତୃତ୍ୱରେ ପାର୍ଟି ସେହି କାର୍ଯ୍ୟରେ ସମସ୍ତ ଶକ୍ତି ନିୟୋଗ କରିଛି । ତେଣୁ ଗୋଟିଏ ପରେ ଗୋଟିଏ ସଂଗ୍ରାମର କର୍ମସୂଚୀ ଆସୁଛି, ଆହୁରି ଆସିବ । ଏହି କର୍ମସୂଚୀକୁ ସଫଳ କରିବାକୁ ଯାଇ ଆମ କର୍ମୀମାନଙ୍କୁ ବ୍ୟକ୍ତିଗତ ଜୀବନରେ, ପାରିବାରିକ ଜୀବନରେ ନାନା ସମସ୍ୟା ଓ ବାଧା ବିପତ୍ତିର ସମ୍ମୁଖୀନ ହେବାକୁ ପଡିବ। ଏହା ମଧ୍ୟରେ ବି ଆମେମାନେ କିଭଳି ସମସ୍ତ ବାଧାବିଘ୍ନକୁ ଜୟ କରି ଆମର ଦାୟିତ୍ୱ ପାଳନ କରିପାରିବା, ତା' ବୁଝିବାକୁ ହେଲେ ତାଙ୍କର ଆଉ ଗୋଟିଏ ଅମୂଲ୍ୟ ଶିକ୍ଷାକୁ ମନେରଖିବାକୁ ହେବ, "... ଭାରତବର୍ଷରେ ବିପ୍ଳବ ଆସିବ ଆସିବ ହେଉଛି। ବୁଝିବାକୁ ହେବ, ସମସ୍ତ ଦିଗରୁ ଏହି ସମାଜରେ ଆଉ କିଛି ଅବଶିଷ୍ଟ ନାହିଁ। ସମସ୍ତ ଉଦ୍ୟମ ସତ୍ତ୍ୱେ ବି ଶାସକଗୋଷ୍ଠୀ ଏହି ସମାଜକୁ ଆଉ ବଞ୍ଚେଇ ରଖି ପାରୁ ନାହିଁ। ଭାରତବର୍ଷର ସମାଜ ମୁକ୍ତି ଯନ୍ତ୍ରଣାରେ ଛଟ୍‌ପଟ୍ ହେଉଛି । କେବଳ ମଣିଷର ସଙ୍ଗଠିତ ସଚେତନ ରାଜନୈତିକ ଆନ୍ଦୋଳନର ଅଭାବ, ଆଉ ଏକ ଯଥାର୍ଥ ବିପ୍ଳବୀ ଦଳର ଯେଉଁ ସର୍ବନିମ୍ନ ଶକ୍ତି ଟିକକ ହେଲେ ଜନତାଙ୍କର ଏହି ବିପ୍ଳବର ଆବେଗ ଏବଂ ବିପ୍ଳବମୁଖୀ ଅବସ୍ଥାକୁ ସାଂଗଠନିକ ରୂପ ଦେଇ ଲଗାତାର ଦୀର୍ଘସ୍ଥାୟୀ ବିପ୍ଳବୀ ଲଢ଼େଇରେ ପରିଣତ କରାଯାଇ ପାରିବ, ସେହିଭଳି ଶକ୍ତିସମ୍ପନ୍ନ ଏକ ଯଥାର୍ଥ ବିପ୍ଳବୀ ଦଳର ଅଭାବ।

... ଆଗାମୀ ସମୟ ଆମମାନଙ୍କ ନିକଟରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ପାର୍ଟିଟିକୁ ଅଳ୍ପ ସମୟ ମଧ୍ୟରେ ଦ୍ରୁତ ବିପ୍ଳବର ନେତୃତ୍ୱ ଦେବା ଭଳି ରାଜନୈତିକ ଏବଂ ସାଂଗଠନିକ ଦିଗରୁ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ହେବ। ପୂର୍ବରୁ ଭାବିଥିଲେ ବି ଏହି କାମଟି ଆମେ କରିପାରି ନଥାନ୍ତୁ । କିନ୍ତୁ ଏବେ ଆମର ଯାହା ସଂଖ୍ୟା, ଯଦି ଆମର ପ୍ରତିଟି ନେତା ଓ କର୍ମୀ ଏହା ଉପଲବ୍ଧି କରି ଏହାକୁ ରୂପ ଦେବା ପାଇଁ ଚେଷ୍ଟା କରନ୍ତି, ତା'ହେଲେ ଆମେମାନେ ଏ କାମଟି କରିପାରିବା। ସେଥିପାଇଁ ପ୍ରତ୍ୟେକ କର୍ମୀଙ୍କୁ ତାଙ୍କର ନିଜର ଉଦ୍ୟୋଗ ଏବଂ ବୁଦ୍ଧି ଅନୁଯାୟୀ- ପାରନ୍ତୁ ବା ନ ପାରନ୍ତୁ, ସଫଳତା ଆସୁ ବା ବିଫଳତା ଆସୁ- କର୍ମବିମୁଖ ନହୋଇ କାମ କରିଯିବାକୁ ହେବ । ଏହି କାମର ପ୍ରକ୍ରିୟା ହେବ, ଗୋଟିଏ ଦିଗରେ ଆପଣମାନେ ଦଳର ରାଜନୀତି ବୁଝି ନେଉଛନ୍ତି, ଆଉ ଅନ୍ୟଦିଗରେ ସେହି ରାଜନୀତିର ଭିତ୍ତିରେ ଜନଗଣଙ୍କୁ ଯେକୌଣସି କ୍ଷେତ୍ରରେ ହେଉ ସଂଗଠିତ କରିବାକୁ ଚେଷ୍ଟା କରୁଛନ୍ତି । ସେଥିପାଇଁ ହୁଏତ କ୍ଲବ୍, ନହେଲେ କୃଷକ ଓ କ୍ଷେତମଜଦୂର ସଂଗଠନ, ନହେଲେ ବସ୍ତି କଲ୍ୟାଣ ସମିତି, ନହେଲେ ସାହିତ୍ୟ ସଭା, ନହେଲେ କବିତା ଆସର, ନହେଲେ ବ୍ୟାୟାମ୍‌ଶାଳା, ନହେଲେ ଶ୍ରମିକ ୟୁନିୟନ୍, ଅଥବା ଶ୍ରମିକ କଲ୍ୟାଣ ସମିତି, ନହେଲେ ମଜଦୂରମାନଙ୍କର ରାଜନୈତିକ କ୍ଲାସ- ଯେଉଁ ଭାବରେ ହେଉ ଆପଣମାନେ ଜନଗଣଙ୍କ ସହିତ ମିଶୁଛନ୍ତି, ଆପଣଙ୍କ ଚତୁର୍ଦିଗରେ ଜନଗଣଙ୍କୁ ସଂଗଠିତ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଭ୍ରାନ୍ତ ରାଜନୀତିରୁ ମୁକ୍ତ ଓ ବିଚ୍ଛିନ୍ନ କରି ଦଳର ରାଜନୀତି ସହିତ ଯୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି- ଯାହାର ଯେଉଁ କ୍ଷେତ୍ରରେ ଯେଉଁଭଳି କର୍ମଦକ୍ଷତା ରହିଛି ସେହି ଅନୁଯାୟୀ ଏହି କାର୍ଯ୍ୟଟି ଆପଣମାନଙ୍କୁ ସମ୍ପୂର୍ଣ୍ଣ ଉଦ୍ୟୋଗ ନେଇ କରିବାକୁ ହେବ।...'ପାରୁ ନାହିଁ, ହେଉ ନାହିଁ' କହି ଯଦି ଆପଣମାନେ ବିଭ୍ରାନ୍ତ ହେଇ ଯାଆନ୍ତି, ଅନ୍ୟ ରାସ୍ତାରେ ଯାଆନ୍ତି- ତା'ହେଲେ ସେହି ରାସ୍ତାଟା କ'ଣ ଆପଣଙ୍କୁ ବିପ୍ଳବ ଆଣି ଦେବ? ତେଣୁ 'ପାରୁନି', 'ହେଉନି', 'ଲୋକ ବୁଝୁନାହାନ୍ତି' ଅଥବା 'ଆପଣଙ୍କ ଘରେ ଅଭାବ, ଆପଣ ଖାଇବାକୁ ପାଉନାହାଁନ୍ତି' କିମ୍ବା 'ଆପଣଙ୍କର ମନ ଖରାପ ଏବଂ ତା' ଏଭଳି ଖରାପ ଯେ, ଆପଣ ମୁଣ୍ଡ ସ୍ଥିର ରଖି ପାରୁନାହାଁନ୍ତି, କାମ କରି ପାରୁନାହାଁନ୍ତି'- ଏଗୁଡ଼ିକୁ ଉପଲକ୍ଷ୍ୟ କରି ଯଦି ଆପଣମାନେ ବିପ୍ଳବର କାର୍ଯ୍ୟରେ ଅବହେଳା କରନ୍ତି, ତା' ହେଲେ ବୁଝିବାକୁ ହେବ- ବିପ୍ଳବ କ'ଣ ତା' ଆପଣମାନେ ବୁଝି ନାହାଁନ୍ତି ।

... ବଡ଼ ବଡ଼ ବିପ୍ଳବୀମାନଙ୍କର ଜୀବନରେ ସମସ୍ୟା କ'ଣ ଦେଖା ଦେଇନି ?

ଭିଏତନାମ୍‌ର ବିପ୍ଳବୀମାନଙ୍କର ଜୀବନରେ ସମସ୍ୟା କଣ ଦେଖା ଦେଇନି ? ସେମାନଙ୍କର ସମସ୍ତଙ୍କର ହିଁ ଜୀବନ କଣ ଏଭଳି ଯେ, କୌଣସି ଦିନ କିଛି ସମସ୍ୟା ଦେଖା ଦେଇନି ? ସେମାନଙ୍କ ସମସ୍ତଙ୍କ ଘରେ କ'ଣ ଖାଇବାକୁ ଥିଲା ? ଏହି ମଣିଷମାନଙ୍କର ଜୀବନରେ କଣ ଭଲପାଇବାର ସମସ୍ୟା ଦେଖା ଦେଇନି ? ଯୌନ ଜୀବନରେ ସଂକଟ ଦେଖା ଦେଇନି ? ଅର୍ଥନୀତି କ୍ଷେତ୍ରରେ ତୀବ୍ର ସଂକଟ ଦେଖା ଦେଇନି ? ପିଲାଛୁଆ ନଖାଇ ମରିଛନ୍ତି, ଏଭଳି ଅବସ୍ଥା ଆଖି ସାମ୍‌ନାରେ ସେମାନଙ୍କୁ ଦେଖିବାକୁ ହୋଇନି ? ଯେଉଁ ବାପା-ମାଆଙ୍କୁ ସେମାନେ ଅଶେଷ ଶ୍ରଦ୍ଧା କରନ୍ତି, ତାଙ୍କୁ ଆଖି ଆଗରେ କାନ୍ଦିବାର ଦେଖିବାକୁ ହୋଇନି ? ସବୁ ଯୁଗର ସମସ୍ତ ଶ୍ରେଷ୍ଠ ବିପ୍ଳବୀମାନଙ୍କୁ ହିଁ ଏସବୁ ସହିବାକୁ ପଡିଛି, ଦେଖିବାକୁ ହୋଇଛି । କିନ୍ତୁ ଏସବୁର ଦ୍ୱାହି ଦେଇ, ଆଉ ତା'ପଛରେ କେତେଗୁଡିଏ ଯୁକ୍ତି ଠିଆ କରି, ସେମାନେ ବିପ୍ଳବୀ ଜୀବନରୁ ପଛେଇ ଯାଇନାହାଁନ୍ତି । ତାଙ୍କ ପାଇଁ କେହି ପଥ ଦେଖାଉ କି ନଦେଖାଉ, ନିଜ ଚେଷ୍ଟାରେ, ନିଜ ବୁଦ୍ଧି ଅନୁଯାୟୀ ସର୍ବକ୍ଷଣ ଦଳକୁ, ଆନ୍ଦୋଳନକୁ ଏବଂ ବିପ୍ଳବକୁ ଶକ୍ତିଶାଳୀ କିରବା ପାଇଁ ସେମାନେ ଚବିଶ ଘଣ୍ଟା ନିଜ ଶକ୍ତି ଅନୁଯାୟୀ ଚେଷ୍ଟା କରିଯାଇଛନ୍ତି ।..."

୫ ଅଗଷ୍ଟ ବାରମ୍ବାର ଆସୁଛି, ବାରମ୍ବାର ଆସିବ । ପ୍ରତିଦିନ ହିଁ ଆମ ଜୀବନରେ ୫ ଅଗଷ୍ଟ ପ୍ରଶ୍ନ କରିବ, ମୃତ୍ୟୁର ଶେଷଦିନ ପର୍ଯ୍ୟନ୍ତ ପ୍ରଶ୍ନ କରିବ, ଏହି ମହାନ୍ ନେତାଙ୍କର ଅପୂରିତ ସ୍ୱପ୍ନକୁ ସାକାର କରିବା ପାଇଁ କେତେଦୂର ଆମେମାନେ ସଂଗ୍ରାମ କରିପାରିଛନ୍ତି, କେତେ ଦାୟିତ୍ୱ ପାଳନ କରି ପାରିଛନ୍ତି । ଏହି ପ୍ରଶ୍ନର ଉତ୍ତର ଦେବା ମଧ୍ୟରେ ହିଁ ରହିଛି ୫ ଅଗଷ୍ଟ ସ୍ମରଣ ଦିବସର ସାର୍ଥକତା, ଏହାରି ମଧ୍ୟରେ ରହିଛି ଆମମାନଙ୍କ ମନୁଷ୍ୟତ୍ୱର ପରମ ବିକାଶର ପ୍ରକୃତ ପଥ ।

★★★